## ସଂକ୍ଷେପରେ

### ବକ୍ତୃତା ପ୍ରତିଯୋଗିତା ସୂର୍ଯ୍ୟସ୍ନାତା ପ୍ରଥମ




**ଖଇରା, ୧୮।୯(ଡି.ଏନ.ଏ.):** ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ବିଜ୍ଞାନଶିକ୍ଷକ ଜୟନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନେ ନୂତନ ଭାରତ ଗଠନରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ 'ଶିଳ୍ପବିପ୍ଳବ ୪.୦ ପାଇଁ ଆମେ ପ୍ରସ୍ତୁତ କି' ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଖଇରା ହାଇସ୍କୁଲ ଛାତ୍ରୀ ସୂର୍ଯ୍ୟସ୍ନାତା ପତି ପ୍ରଥମ, ସିମୁଳିଆର ମା' ଅମ୍ବିକା ହାଇସ୍କୁଲର ଛାତ୍ରୀ ପ୍ରତିଭା ସାହୁ ୨ୟ, ମାଖନପୁର ପଞ୍ଚାୟତ ହାଇସ୍କୁଲର ଛାତ୍ର ଗୌରହରି ଜେନା ୩ୟ ସ୍ଥାନ ଅଧିକାର କରିଥିଲେ। ଖଇରା ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧାପକ ହରିହର ପଣ୍ଡା, ଅର୍ଥନୀତି ଅଧାପକ ଗୋପବନ୍ଧୁ ମହାପାତ୍ର ବିଚାରକ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ରୂପ୍‌ସା, ୧୮।୯(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁରିପଦା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ମଙ୍ଗଳବାର ପୋଲିସ ଏକ ମାମଲା (ନଂ. ୨୫୩/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୩ ତାରିଖରେ ତଳତାପଣ୍ଡା ଗ୍ରାମର ଯୁବକ ପରେଶ ବେହେରା ଓ ସହଯୋଗୀ ଗୋକୁଳ ରାଉତ ମିଶି ଅପହରଣ କରିଥିବା ଏତଲାରେ ଦର୍ଶାଯାଇଛି। ପରିବାର ଲୋକେ ଖୋଜାଖୋଜି କରି ବିଫଳ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ବିଜ୍ଞାନ ମେଳାରେ ୩୦ ପ୍ରକଳ୍ପ

**ବାହାନଗା, ୧୮।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ୩୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଗୁରୁଜୀ ମନୋରଞ୍ଜନ ବେହେରା ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ବିଜ୍ଞାନର ଉପକାରିତା ବିଷୟରେ ବୁଝାଇଥିଲେ। ବିଜ୍ଞାନମେଳାକୁ ଶିଶୁ ବିଦ୍ୟା ମନ୍ଦିରର ବିଜ୍ଞାନ ଗୁରୁଜୀ କମଳାକାନ୍ତ ଓଝା, ଅଶୋକ ଦାସ ଓ ଗୁରୁମା ସସ୍ମିତା ମଞ୍ଜରୀ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ମୂର୍ତ୍ତି ଚୋରି ର୍‍ୟାକେଟ: ୭ ଗିରଫ

**ସଜନାଗଡ଼, ୧୮।୯(ଡି.ଏନ.ଏ.)**

- ସିନ୍ଦୁରଗୌରା ମୂର୍ତ୍ତି ଚୋରି ଯୋଜନା କରିଥିଲେ
- ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୪ ଅଣଓଡ଼ିଆ
- ୩ ଫେରାର



ମୂର୍ତ୍ତି ଚୋରି ଲାଗି ଯୋଜନା କରୁଥିବା ଗିରଫ ୭ ଜଣ।

ବାଲେଶ୍ୱର ଜିଲାରେ ମୂର୍ତ୍ତି ଚୋରି ଉଦ୍ୟମ କରୁଥିବା ଏକ ଅନ୍ତର୍ଜାତୀୟ ର୍‍ୟାକେଟକୁ ପୋଲିସ ଠାବ କରିଛି। ଗତ ରବିବାର ରାତିରେ ପଞ୍ଚଲିଙ୍ଗେଶ୍ୱର ରାସ୍ତା ପାର୍ଶ୍ୱ କାନପୁର ଗାଁ ମୁଣ୍ଡରେ ୭ଜଣ ଲୋକ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଗୁଣିଗାରେଡି ସନ୍ଦେହ କରି ଗ୍ରାମବାସୀ ସେମାନଙ୍କୁ ଅଟକାଇ ନିସ୍ଥୁକ ପିଟିଥିଲେ। ଏହାପରେ ଗ୍ରାମବାସୀ ନୀଳଗିରି ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୬ଜଣଙ୍କୁ ଧରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଖସି ପଳାଇଥିଲେ। ଏହି ଅଭିଯୁକ୍ତଙ୍କୁ ପଚରାଉଚୁରା କରିବା ପରେ ସେମାନେ ମୂର୍ତ୍ତି ଚୋରି କରିବାକୁ ଯୋଜନା କରିଥିବା ପୋଲିସକୁ ସୂଚନା ମିଳିଥିଲା। ଏନେଇ ଅଧିକ ତଦନ୍ତ ଚଳାଇ ପୋଲିସ ଉକ୍ତ ର୍‍ୟାକେଟକୁ ସହଯୋଗ କରିଥିବା କେନ୍ଦ୍ରାପଡା ଅଞ୍ଚଳର ଜଣେ ବାବାଙ୍କୁ ଧରିଥିଲା। ଜେରା ପରେ ଘଟଣାର ପର୍ଦ୍ଦାଫାଶ୍ ହେବାରୁ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୭ ଗିରଫ ୭ ଅଭିଯୁକ୍ତଙ୍କ ମଧ୍ୟରେ ୪ଜଣ ଅଣଓଡିଆ ରହିଛନ୍ତି। ଏହି ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟ ୩ଜଣ ଖସି ଯାଇଥିବା କୁହାଯାଉଛି। ମୂଲ୍ୟବାନ ଧାତୁରେ ନିର୍ମିତ ସିନ୍ଦୁରଗୌରା ମୂର୍ତ୍ତି ଚୋରି କରିବାକୁ ଯୋଜନା କରି ସେମାନେ ଆସିବା ପରେ ଦୈବାତ୍ ବାଟ ଭୁଲି ରାସ୍ତା ପାର୍ଶ୍ୱ କାନପୁର ଗ୍ରାମକୁ ପଶିଯାଇଥିଲେ ବୋଲି ନୀଳଗିରି ଆଇଆଇସି ନଳିତା ମୋଦି ସୂଚନା ଦେଇଛନ୍ତି। ଧରାପଡିଥିବା ୭ ଅଭିଯୁକ୍ତମାନଙ୍କଠାରୁ ପୋଲିସ ବ୍ଲେଡ, ଛୁରି, ଛୁଞ୍ଚି, ୬ଟି ମୋବାଇଲ ସେଟ୍ ଓ ନଗଦ ୨୦ହଜାର ଟଙ୍କା ପୋଲିସ ଜବତ କରିଛି। ସେମାନେ ହେଲେ ହରିୟାଣା ସୋନିପତ୍ ଜିଲା ଖାନ୍‌ପୁରକଳା ଥାନା କାସିନ୍ଦା ଗ୍ରାମର ରାଜକୁମାର ସିଂ, ଦିଲ୍ଲୀର ମହିନ୍ଦ୍ରାପାର୍କ ଥାନା ଅଧୀନ ସରାଇ ଅଞ୍ଚଳର ନରେଶ କୁମାର, ପୁରୁଣା ଦିଲ୍ଲୀର ଆଜାଦପୁର ଅଞ୍ଚଳର ରାଜକୁମାର, ନୂଆଦିଲ୍ଲୀ ବିଷ୍ଣୁଗାର୍ଡେନ ଅଞ୍ଚଳର କନୱାରଜିତ୍ ସିଂ, ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଙ୍ଗତୀରା ଗ୍ରାମର ଦୀପକ ବେହେରା, କେନ୍ଦ୍ରାପଡ଼ା ଜିଲା ଡଙ୍ଗମାଳ ଗ୍ରାମର ଓମକାରନାଥ ବ୍ରହ୍ମଚାରୀ ଏବଂ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ନରହରିପୁର ଗ୍ରାମର ମନ୍ମଥ ମଲିକ। ଏହି ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଏକ ମାମଲା(ନଂ. ୨୨୧/୧୮) ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିବା ପରେ ଜେଲ ହାଜତ୍‌କୁ ପଠାଇ ଦିଆଯାଇଛି। ଏହି ର୍‍ୟାକେଟ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ମୂର୍ତ୍ତି ଚୋରି ଘଟଣାରେ ସମ୍ପୃକ୍ତ କି ନୁହନ୍ତି ସେନେଇ ଅଧିକ ତଦନ୍ତ କରାଯାଉଥିବା ଥାନା ପକ୍ଷରୁ କୁହାଯାଉଛି।



ଆନ୍ଦୋଳନରେ ସାମିଲ ହୋଇଥିବା ଶିକ୍ଷକ।

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ଶିକ୍ଷକ

**ସୋର, ୧୮।୯(ଡ଼ି.ଏନ.ଏ.)**

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସୋର ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ସୋର ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଆନ୍ଦୋଳନକାରୀ ଶିକ୍ଷକମାନେ ଅଭିଭାବକ ଓ ଜନସାଧାରଣଙ୍କର ସହଯୋଗ କାମନା କରିଛନ୍ତି। ମଞ୍ଚ ତରଫରୁ ଜିଲା ସଭାପତି ପ୍ରଶାନ୍ତ ମହନ୍ତଙ୍କ ଅଧ୍ୟକ୍ଷତାରେ କେଦାରପୁର, ଅନନ୍ତପୁର, ପାଖର, ସାଜନପୁର, ତଳନଗର, ସବିରା, ନଦିଗାଁ ଓ ସରଶଙ୍ଖ ଓ ପାଖର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପାଖର ପଞ୍ଚାୟତ ହନୁମାନ ମଣ୍ଡପ ନିକଟରେ ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ଯୋଗ ଦେଇ ସରକାର ତୁରନ୍ତ ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରି ନିୟମିତ ଚାକିରୀର ସମସ୍ତ ସର୍ତ୍ତାବଳୀ ଲାଗୁ କରିବାକୁ ଦାବି କରିଥିଲେ। ଏହି ଅବସରରେ ଶତାଧିକ ଅଧାପିକାଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀ ବାଇକ୍ ଶୋଭାଯାତ୍ରାରେ ଯାଇ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଦାବି ପୂରଣ ନ ହେବା ଯାଏଁ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ମିଳିତ ମଞ୍ଚ ତରଫରୁ କୁହାଯାଇଛି। ଅଧାପକ ପ୍ରଶାନ୍ତ ମହନ୍ତ, ଅଜୟ କୁମାର ବାରିକ, ତପନ କୁମାର ପଣ୍ଡା, ଗୋପୀନାଥ ରାଉତ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।




ଆଇନଜୀବୀମାନେ ପିକେଟିଂ କରି ପରିବାର ଅଦାଲତ ବନ୍ଦ କରୁଛନ୍ତି।

# ବିଭିନ୍ନ କାର୍ଯ୍ୟାଳୟ ବନ୍ଦ କଲେ ଆଇନଜୀବୀ

**ବାଲେଶ୍ୱର ଅଫିସ, ୧୮।୯**

ବାଲେଶ୍ୱର ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ସମୟରେ ସମସ୍ତ ବିଭାଗୀୟ ଜିଲା ଅଫିସ୍ ବନ୍ଦ କରାଯାଇଥିଲା। ବିଚାର ବିଭାଗୀୟ ଅଦାଲତ ସମେତ ଜିଲାପାଳ, ସବ୍‌କଲେକ୍ଟର, ଟ୍ରେଜେରି, ତହସିଲ ଓ ଡିଆର୍‌ଡିଓ ଅଫିସ୍‌କୁ ଆଇନଜୀବୀମାନେ ପିକେଟିଂ କରି ବନ୍ଦ କରିଥିଲେ।

ଗତ ଅଗଷ୍ଟ ୨୭ତାରିଖରେ କଟକ ବସ୍‌ଷ୍ଟାଣ୍ଡ ନିକଟ ଚାଉଳିଆଗଞ୍ଜ ଥାନାର ୨ଜଣ କନଷ୍ଟେବଳ ଓ ଜଣେ ଏଏସ୍‌ଆଇ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ମାଡ଼ ଘଟଣାରେ ଓଡ଼ିଶା ବାର୍ ଆସୋସିଏଶନ ଡାକରାରେ ଗତ ଅଗଷ୍ଟ ୩୦ ତାରିଖଠାରୁ ଓକିଲମାନେ ରାଜ୍ୟରେ ସମସ୍ତ କୋର୍ଟ ବର୍ଜନ କରିଛନ୍ତି। ମଙ୍ଗଳବାରଠାରୁ କୋର୍ଟ ବନ୍ଦ କାର୍ଯ୍ୟକ୍ରମ ସଂଘ ପକ୍ଷରୁ ହାତକୁ ନିଆଯାଇଛି। କିନ୍ତୁ ବାଲେଶ୍ୱର ବାର୍ ଆସୋସିଏଶନ ବିଚାର ବିଭାଗର ସମସ୍ତ ଅଫିସ୍ ବନ୍ଦ କରିବା ସହ ଉପରୋକ୍ତ ଅଫିସ୍‌ଗୁଡ଼ିକ ପିକେଟିଂ କରି ବନ୍ଦ କରିଥିଲେ। ମାଡ଼ ମାରିଥିବା କନଷ୍ଟେବଳ ଓ ଏଏସ୍‌ଆଇଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ ଜୋରଦାର୍ ହେବ ବୋଲି ଜିଲା ବାର୍ ଆସୋସିଏଶନ ସଭାପତି ନିରଞ୍ଜନ ପଣ୍ଡା ପ୍ରକାଶ କରିଥିଲେ। ଅଚାନକ ଭାବରେ ସମସ୍ତ ଜିଲା ଅଫିସ୍ ବନ୍ଦ ହେବା ଫଳରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହୋଇଥିବା ପରିଲକ୍ଷିତ ହୋଇଛି। ଏହାକୁ ନେଇ ବୁଦ୍ଧିଜୀବୀ ଏବଂ ବିଭିନ୍ନ ବର୍ଗର ଲୋକମାନେ ଓକିଲମାନଙ୍କର ଏପରି କାର୍ଯ୍ୟକ୍ରମକୁ ନାପସନ୍ଦ କରିଛନ୍ତି।

# ଦୁଧହଂସାରେ ମିଶ୍ରଣ ପର୍ବ

**ବସ୍ତା, ୧୮।୯(ସ୍ୱ.ପ୍ର.)**

ବସ୍ତା ବ୍ଲକ ଦୁଧହଂସା ପଞ୍ଚାୟତରେ ଶନିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ସେଠାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ବିଜେଡି ବ୍ଲକ ସଭାପତି ତ୍ରିଲୋଚନ ବେହେରା, ଯୁବସଭାପତି ପୂର୍ଣ୍ଣଚନ୍ଦ୍ର ଯେନା, ସରପଞ୍ଚ ବନିତା ବିଶ୍ୱାଳ, ସମିତିସଭ୍ୟା ପ୍ରତିଭା ସାହୁ, ପଞ୍ଚାୟତ ଯୁବ ସଭାପତି ଭରତ ବିଶ୍ୱାଳ, ମହିଳା ସଭାପତି ବାସନ୍ତୀ ରାଉତ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପଞ୍ଚାୟତର ୧୧ନଂ. ୱାର୍ଡର ୱାର୍ଡସଭ୍ୟ ଯଶୋଦା ଗାଣଙ୍କ ସମେତ ବଳରାମ ବାରିକ, ଗଜେନ୍ଦ୍ର ଗାଣ, ସନ୍ତୋଷ ବାରିକ, ତପନ ବାରିକ, ବେଣୁଧର ଦାସ, ରବୀନ୍ଦ୍ର ଯେନା, ଶଙ୍କର୍ଷଣ ବାରିକ, ଶିବ ବାରିକ, ସଞ୍ଜୟ ବାରିକ, ଦିଲୀପ ବାରିକ, ପ୍ରଭାକର ପ୍ରଧାନ, ଶଙ୍କର୍ଷଣ ହାତୀ, କାଳୀଚରଣ ଦାସ, କାର୍ତ୍ତିକ ଗାଣ ଓ ମଙ୍ଗଳ ଯେନାଙ୍କ ସମେତ ୨୦ ପରିବାରର ୧୦୦ଲୋକ ବିଜେଡିରେ ସାମିଲ ହୋଇଥିବା ବ୍ଲକ ସଭାପତି ତ୍ରିଲୋଚନ ବେହେରା ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ନ୍ୟାୟ ପାଇଁ ପୀଡ଼ିତାଙ୍କ ମା' ଶିଶୁ ମଙ୍ଗଳ କମିଟି ଦ୍ୱାରସ୍ଥ

**ବାଲେଶ୍ୱର ଅଫିସ, ୧୮।୯:** ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯିବା ଘଟଣାକୁ ୭ ମାସ ବିତିଲାଣି। ବାଲେଶ୍ୱର ଜିଲା ସିଂଲା ଥାନା ପୋଲିସ ଏକ ମାମଲା (ନଂ.୩୫/୧୮) ରୁଜୁ କରି ହାତବାନ୍ଧି ବସିରହିଛି। ଅନ୍ୟପକ୍ଷେ ପୋକ୍ସୋ ଆକ୍ଟ ନ ଲଗାଇ ମାମଲାକୁ ଦୁର୍ବଳ କରିଦେବା ସକାଶେ ପୋଲିସ ଉଦ୍ୟମ କରୁଥିବା ନେଇ ପୀଡିତାଙ୍କ ମା' ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଭାଗୀରଥି ବାରିକଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ପୀଡିତାଙ୍କ ମା' ଦର୍ଶାଇଛନ୍ତି, ଅଭିଯୁକ୍ତ ଯୁବକ ୩ଜଣ ସହଯୋଗୀଙ୍କ ସହାୟତାରେ ଗତ ଫେବୃୟାରୀ ୧୫ ତାରିଖରେ ନାବାଳିକାଙ୍କୁ ଏକ କାର୍ ଯୋଗେ ଦୀଘା ଅଞ୍ଚଳକୁ ନେଇ ଏକ ହୋଟେଲରେ ରଖି ବଳାତ୍କାର କରିଥିଲେ। ଏକଥା କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇ ପରଦିନ ଏକ କଲେଜ ପାଖ ରାସ୍ତାରେ ଛାଡ଼ି ପଳାଇ ଯାଇଥିଲେ। ପୀଡିତା ବହୁ କଷ୍ଟରେ ଘରେ ପହଞ୍ଚି ଏହା ଜଣାଇବାରୁ ପରିବାରବର୍ଗ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇ ଶେଷରେ ପୋଲିସର ଆଶ୍ରୟ ନେଇଥିଲେ। ଦୀର୍ଘ ଦିନ ଅପେକ୍ଷା କରି ପୋଲିସ ଠାରୁ ନ୍ୟାୟ ନ ପାଇବାରୁ ସେ ଜିଲା ଶିଶୁ ମଙ୍ଗଳ କମିଟିର ଦ୍ୱାରସ୍ଥ ହୋଇଥିବା ପୀଡ଼ିତାଙ୍କ ମା' କହିଛନ୍ତି।

# ଦିବ୍ୟାଙ୍ଗ ସ୍ତ୍ରୀଙ୍କୁ ପ୍ରତାରଣା: ସ୍ୱାମୀ, ମଧ୍ୟସ୍ଥିଙ୍କ ନାଁରେ ମାମଲା

**ଖଇରା, ୧୮।୯(ଡି.ଏନ.ଏ.)**

ଦିବ୍ୟାଙ୍ଗ ପତ୍ନୀଙ୍କୁ ଯୌତୁକ ନିର୍ଯ୍ୟାତନା ଦେବା ଅଭିଯୋଗରେ ଖଇରା ପୋଲିସ କୁପାରୀ ପଞ୍ଚାୟତ ଅଧୀନ ହଦଶାସନ ଗ୍ରାମର ଅଶୋକ ପଣ୍ଡା ଓ ପାଣିଛତ୍ର ଗ୍ରାମର ମଧ୍ୟସ୍ଥି ଅଜୟ ଶତପଥିଙ୍କ ନାମରେ ଏକ ମାମଲା (ନଂ. ୨୨୯/୧୮) ରୁଜୁ କରିଛି। ଅଶୋକ ୨୦୧୧ରେ କଲିକତାରେ କାମ କରୁଥିବାବେଳେ ଭବାନୀପୁର ଅଞ୍ଚଳର ଦିବ୍ୟାଙ୍ଗ ଯୁବତୀଙ୍କୁ ଅଜୟଙ୍କ ମଧ୍ୟସ୍ଥତାରେ କବିତା ରାଣୀଙ୍କୁ ବିବାହ କରିଥିଲେ। ମାତ୍ର ସେ ୨୦ଦିନ ରହିବା ପରେ ପତ୍ନୀଙ୍କୁ ଛାଡି ପଳାଇଆସିଥିଲେ। ହେଲେ ୭ବର୍ଷ ଧରି ପତ୍ନୀଙ୍କୁ ଗ୍ରହଣ ନ କରିବାରୁ କବିତା ତାଙ୍କ ସ୍ୱାମୀ ଅଶୋକ ଓ ମଧ୍ୟସ୍ଥି ଅଜୟଙ୍କ ବିରୋଧରେ ଖଇରା ଥାନାରେ ଅଭିଯୋଗ କରିଛନ୍ତି।






ଶାନ୍ତି କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

# ମହରମ ଉପଲକ୍ଷେ ଶାନ୍ତି କମିଟି ବୈଠକ

**ଜଳେଶ୍ୱର, ୧୮।୯(ଡି.ଏନ.ଏ.)**

ଚଳିତ ମାସ ୨୧ ତାରିଖରେ ଜଳେଶ୍ୱର ସହରରେ ହେବାକୁ ଥିବା ମହରମ ପର୍ବ ଉପଲକ୍ଷେ ଏକ ଶାନ୍ତି କମିଟି ବୈଠକ ମଙ୍ଗଳବାର ନୂଆବଜାରସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଏସ୍‌ଡିପିଓ ରାମଚନ୍ଦ୍ର ଗୌଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆବାହକ ଭାବେ ଥାନା ଆଇଆଇସି ପ୍ରଦୀପ କୁମାର ମାଝି, ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ନେସ୍କୋ ଯନ୍ତ୍ରୀ ରଣଜିତ୍ ବେହେରା, ମ୍ୟୁନିସିପାଲିଟି ଯନ୍ତ୍ରୀ ବୁଧୁରାମ ସିଂ ପ୍ରମୁଖ ଉପସ୍ଥିତ ରହି ମହରମ ପର୍ବକୁ କିପରି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ସେନେଇ ଶାନ୍ତି କମିଟିର ସଦସ୍ୟଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ମହରମ ପର୍ବରେ ୪ଟି ତାଜିଆ ଶୋଭାଯାତ୍ରା ସାମିଲ ହେବ ବୋଲି ଆଲୋଚନା ହୋଇଥିଲା। ବୈଠକକୁ ଥାନା ଏଏସ୍‌ଆଇ ସତ୍ୟନାରାୟଣ ବଳ, ସଦାସିବ ନାୟକ ଓ ଅନ୍ୟ ଥାନା କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ୨୪ ଦିବ୍ୟାଙ୍ଗଙ୍କୁ ଭତ୍ତା ମିଳିଲା

**ବାଲିଆପାଳ, ୧୮।୯(ଡି.ଏନ.ଏ.):** ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତରେ ଶନିବାର ୨୪ ଜଣ ଦିବ୍ୟାଙ୍ଗଙ୍କୁ ନୂଆ ଭତ୍ତା ପ୍ରଦାନ କରାଯାଇଛି। ସେଥିରୁ ୧୪ ଜଣଙ୍କୁ ୫ଶହ ହିସାବରେ ୩ ମାସର ୧୫ଶହ, ଯେଉଁମାନେ ୬୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ, ସେମାନଙ୍କୁ ୩ ଶହ ହିସାବରେ ୩ ମାସର ୯ ଶହ ଟଙ୍କା ପ୍ରଦାନ କରାଯାଇଛି।




AXIS BANK
Registered Office: 'Trishul', 3rd Floor, Opp. Samartheswar Temple, New Law Garden, Ellisbridge, Ahmedabad-380006
Circle Office: Bhubaneswar
**NOTICE**

Notice is hereby given that the following persons have availed locker facilities from our Bank.

| BRANCH | LOCKER NO. | NAME OF THE LOCKER HIRER(S) MR./MS. | ADDRESS |
|---|---|---|---|
| Berhampur, Ganjam | 43 | Mohd. Abdul Safeer Tayub | Tulsi Nagar, 5th lane, Aska Road, Berhampur-760001 |
| Chandrasekharpur, Bhubaneswar | 2064 | Mr. Subrat Kumar Raj | At: Atala, P.O.: Jaypur, P.S.: Balianta, Dist.: Khurdha-752101 |
| Jharsuguda | 2051 | Mr. Jyoti Prakash De | S/o: Late Bidyut Prakash De, Opp. Shiv Mandir, Burdwan, W.B.-713102 |
| CRPF Square, Bhubaneswar | 3038 | Mr. Rabindra Kumar Jena | Flat No.: 204, Vinaydeep Apartment, Ashok Nagar, Bhubaneswar-751009 |
| Jajpur Town | 1074 | Mr. Bijaya Bhusan Mahunta | Plot No.: 210(A), Sastrinagar, Bhubaneswar - 751001 |
| Parlakhemundi | 67 | Mr. Srinivasu Kangava | New Kapu Street, Parlakhemundi, Dist.: Gajapati - 761200 |

They have failed and neglected in not operating locker for a considerable period of time. Whereas the bank has issued several notices to them from time to time calling upon to operate the locker and/or close the locker facility(ies), which were duly acknowledged by them and/or returned undelivered.

Whereas as a last chance, Notice is hereby given that if the above persons fail to operate locker **on or before 04.10.2018**, the Bank shall break and open the locks of locker at locker hirer's risk and responsibility, as per Banking Law and Practice and take inventory of items, if any, lying in the locker and keep the same in bank's custody until such time the arrears of rent along with interest, expenses, charges, etc. are paid to the bank. The Bank reserves the right to adjust the cash, if any found in the locker against the outstanding dues, if any of the persons to the Bank and it shall be treated as proper discharge on the part of the Bank and no claims, whatsoever, shall be entertained thereafter in this regard. For the balance dues, if any of locker rentals, the bank reserves its right to proceed legally against the locker hirer/s for recovery of its dues.

**Date : 18.09.2018, Place : Bhubaneswar** — **Sd/- Circle BBO Head, Axis Bank Ltd., Bhubaneswar Circle**



# ରାଜସ୍ୱ ଦେଉଛି, ବିକାଶ ନାହିଁ

ରୂପ୍‌ସା,୧୮।୯(ଡି.ଏନ.ଏ.)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ହଳଦୀପଦା ରେଳଷ୍ଟେଶନ ଗମନାଗମନ କ୍ଷେତ୍ରରେ ଗୁରୁତ୍ୱ ବହନ କରିଆସୁଛି। ୬୦ବର୍ଷ ପୂର୍ବରୁ ଏହି ଷ୍ଟେଶନ ସ୍ଥାପନ ହୋଇଥିଲେ ବି ଏଯାବତ୍ ଏହାର ସାମଗ୍ରିକ ବିକାଶ ହୋଇପାରିନାହିଁ। ପ୍ରତିମାସ ଏହି ଷ୍ଟେଶନରୁ ପ୍ରାୟ ୩ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଥିଲେ ବି ଯାତ୍ରୀଙ୍କ ସୁବିଧା ଲାଗି ରେଳ ବିଭାଗ କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ହଳଦୀପଦା ପ୍ରଗତି ମଞ୍ଚ ପକ୍ଷରୁ ଆସନ୍ତା ଅକ୍ଟୋବର ୫ତାରିଖରେ ଏହିଷ୍ଟେଶନରେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଚଷାଖଣ୍ଡ, ରାଇସୁଆଁ, ହଳଦୀପଦା, ଓଡ଼ଙ୍ଗୀ, ନଗ୍ରମ, ବୁଆଁଳ, କୁରାଡ଼ିହା, ଛାନୁଆ, ସାର୍ଥା, ବାହାବଳପୁର, ଦୁବୁଲାଗଡ଼ି ଓ ପରିକ୍ଷୀ ଆଦି ପଞ୍ଚାୟତର ସହସ୍ରାଧିକ ଯାତ୍ରୀ ଏହି ଷ୍ଟେଶନରୁ ଟ୍ରେନ୍ ଯୋଗେ ଯାତାୟାତ କରିଥାନ୍ତି। ଏଠାରେ ହାଓଡ଼ାରୁ ଜଳେଶ୍ୱର ପର୍ଯ୍ୟନ୍ତ ଆସୁଥିବା ମେମୋ ଟ୍ରେନ୍‌କୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ, ଭଞ୍ଜପୁର-ରୂପ୍‌ସା ପାସେଞ୍ଜର ଟ୍ରେନ୍‌କୁ ବାଲେଶ୍ୱର ପର୍ଯ୍ୟନ୍ତ ଚଳାଚଳ, ୨୫୯ନଂ. ନିଧିପଣ୍ଡା ଗଳାପୋଲରେ ସ୍ଥାୟୀ କଂକ୍ରିଟ୍ ରାସ୍ତା ନିର୍ମାଣ, ୧ନଂ. ଓ ୩ ନଂ. ପ୍ଲାଟଫର୍ମରେ ଯାତ୍ରୀଙ୍କ ପାଇଁ ରେଷ୍ଟଶେଡ଼ ବ୍ୟବସ୍ଥା, ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ଓ ପ୍ରତୀକ୍ଷାଳୟ, ଏଟିଏମ୍ ସ୍ଥାପନ ଆଦି ଦାବି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଏ ସମ୍ପର୍କରେ ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ହେଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇନାହିଁ। ଗତ ୭ ତାରିଖରେ ପ୍ରଗତି ମଞ୍ଚ ଡାକରାରେ ଷ୍ଟେଶନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ମୁତାବକ ଖଡ଼ଗପୁର ଡିଭିଜନ ରେଳବାଇ ମ୍ୟାନେଜର, ରେଳବାଇ ଏସ୍‌ପି, ଏମ୍‌ପି, ରେମୁଣା ଓ ସଦର ବିଧାୟକ, ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଆସନ୍ତା ଅକ୍ଟୋବର ୫ତାରିଖରେ ରେଳରୋକୋ କରାଯିବ ବୋଲି ମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ଉପସଭାପତି ବୃହସ୍ପତି ସାହୁ ଓ ବରିଷ୍ଠ ନାଗରିକ ସୁଦର୍ଶନ ନାୟକ ପ୍ରମୁଖ ଲିଖିତ ଭାବେ ଅବଗତ କରାଇଛନ୍ତି। ପ୍ରଗତି ମଞ୍ଚ ସଭାପତି ରବୀନ୍ଦ୍ର ନାଥ ମହାନ୍ତି କହିଛନ୍ତି, ଷ୍ଟେଶନର ବିକାଶ ହେଉ ନ ଥିବାରୁ ଗତ ୯।୬।୨୦୧୭ରେ ରେଳରୋକୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। ମାତ୍ର ଅତିରିକ୍ତ ଜିଲାପାଳଙ୍କ ଚାମ୍ବରରେ ୮।୬।୧୭ ରିଖରେ ତ୍ରିପାକ୍ଷିକ ଆଲୋଚନା ହୋଇ ପ୍ରତିଶ୍ରୁତି ପୂରଣ ଦିଗରେ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଯାବତ୍ ତାହା ପୂରଣ ହୋଇନାହିଁ। ଷ୍ଟେଶନ ମ୍ୟାନେଜର କିଶୋର ସାହୁ କହିଛନ୍ତି, ଷ୍ଟେଶନରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।



ହଳଦୀପଦା ରେଳଷ୍ଟେଶନ।

- ହଳଦୀପଦା ରେଳ ଷ୍ଟେଶନକୁ ଅଣଦେଖା
- ପ୍ରତିଶ୍ରୁତି ପୂରଣ କରୁନି ରେଳ ମନ୍ତ୍ରଣାଳୟ
- ଅକ୍ଟୋବର ୫ରେ ରେଳରୋକୋ

## ସଂକ୍ଷେପରେ

### ଦେଢ଼ବର୍ଷର ଶିଶୁକନ୍ୟା ଉଦ୍ଧାର କଲା ଚାଇଲ୍ଡଲାଇନ

**ବାଲେଶ୍ୱର ଅଫିସ, ୧୮।୯:** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ନଳବାହାର ଅଞ୍ଚଳର ଏକ ଦେଢ଼ବର୍ଷର ଶିଶୁକନ୍ୟାଙ୍କୁ ଚାଇଲ୍ଡଲାଇନ୍ ମଙ୍ଗଳବାର ଉଦ୍ଧାର କରି ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି। ପରେ କୁରୁଡ଼ାସ୍ଥିତ ନିର୍ମଳା ଶିଶୁଭବନରେ ଉକ୍ତ ଶିଶୁକନ୍ୟାଙ୍କୁ ଥଇଥାନ କରାଯାଇଛି। ସୂଚନା ଯେ, ରୂପ୍‌ସା ଅଞ୍ଚଳର ଜଣେ ମହିଳା ତାଙ୍କ ଦେଢ଼ବର୍ଷର ଶିଶୁକନ୍ୟାଙ୍କୁ ଦାରିଦ୍ର୍ୟ କାରଣରୁ ଲାଳନପାଳନ କରିବାରେ ଅସମର୍ଥ ଥିଲେ। ଉକ୍ତ ମହିଳାଙ୍କ ଏପରି ପରିସ୍ଥିତି ଗ୍ରାମବାସୀଙ୍କୁ ମର୍ମାହତ କରିଥିଲା। ସେମାନେ ଉକ୍ତ ଶିଶୁକନ୍ୟାଙ୍କୁ ଆଣି ଜଣେ ବୃଦ୍ଧାଙ୍କ ପାଖରେ ଛାଡ଼ିଥିଲେ। ସେ ଶିଶୁକନ୍ୟାଙ୍କୁ ଅତି ଯତ୍ନର ସହ ରଖିଥିଲେ। ହେଲେ ତାଙ୍କ ମା' ଉକ୍ତ ବୃଦ୍ଧାଙ୍କଠାରୁ ପୁଣି ଶିଶୁକନ୍ୟାଙ୍କୁ ନେଇଆସିଥିଲେ। ଗ୍ରାମବାସୀ ଏହା ଜାଣିପାରି ଉକ୍ତ ମହିଳାଙ୍କଠାରୁ ଶିଶୁକନ୍ୟାଙ୍କୁ ଆଣି ଗ୍ରାମର ଜିତେନ୍ଦ୍ର ମୁଣ୍ଡାଙ୍କୁ ଦାୟିତ୍ୱ ଦେଇଥିଲେ। ଚାଇଲ୍ଡଲାଇନ୍ ଏହି ଖବର ଜାଣିବା ପରେ ପୋଲିସ ସହାୟତାରେ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଛି।

### ଜୁଆ ଆଡ୍ଡା ଉପରେ ଚଢ଼ାଉ



**ବାଲିଆପାଳ, ୧୮।୯(ଡି.ଏନ.ଏ.):** ବାଲିଆପାଳ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ଜୁଆ ଖେଳ ଚାଲିଥିଲେ ମଧ ପୋଲିସ ନାମକୁ ମାତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସୋମବାର ରାତିରେ ଅଳାଡ଼ିହା ପଞ୍ଚାୟତ ବାଲିବିଲ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ନଗଦ ୧୩୫୦ଟଙ୍କା ଓ ଖେଳ ସାମଗ୍ରୀ ମଧ ଜବତ କରାଯାଇଥିଲା। ଏହି ଜୁଆଡ଼ିମାନେ ହେଲେ ନାରାୟଣପୁରପନ୍ତା ଗ୍ରାମର ଶିବପ୍ରସାଦ ଜେନା, ବାଲିବିଲ ଗ୍ରାମର ତ୍ରିଲୋଚନ ଗିରି ଓ କରୁଣାକର ଦଳାଇ। ଏନେଇ ପୋଲିସ ଥାନାରେ ମାମଲା(ନଂ.୨୬୫/୧୮) ରୁଜୁ କରିଛି। ତେବେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରିବର୍ତ୍ତେ ଥାନାରୁ ଜାମିନରେ ଛାଡ଼ିଦେବା ଘଟଣା ପୋଲିସ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ରୋଗୀଙ୍କୁ ଫଳ ବାଣ୍ଟିଲେ ବିଧାୟକ

**ରେମୁଣା, ୧୮।୯(ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୮ତମ ଜନ୍ମ ଦିବସ ଉପଲକ୍ଷେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ରେମୁଣା ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ସୋମବାର ଅପରାହ୍ନରେ ବିଧାୟକ ଦାସଙ୍କ ସହିତ କୃଷକ ମୋର୍ଚ୍ଚା ଜିଲା ସଭାପତି ବିପିନ ବିହାରୀ ଦାସ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କମଳା ବିନ୍ଧାଣୀ, ଡାକ୍ତର ତାପସ କୁମାର ସେନାପତି, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ସତ୍ୟସୁନ୍ଦର ଗୋସ୍ୱାମୀ, ମଣ୍ଡଳ ସଭାପତି ଗିରିଧାରୀ ଦାସ, ଗୌରଗୋପାଳ ସାହୁ, କୃଷ୍ଣ ଚନ୍ଦ୍ର ସାହା, ଯୁବନେତା ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ରାଧାଷ୍ଟମୀ ଉତ୍ସବ

**ବାଲିଆପାଳ,୧୮।୯(ଡି.ଏନ.ଏ.):** ବାଲିଆପାଳ ବ୍ଲକର ପାରୁଲିଆ ଛକ ନିକଟରେ ଥିବା ରାଧା ମଦନମୋହନ ମନ୍ଦିରରେ ରାଧାଷ୍ଟମୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃ ସମୟରେ ମନ୍ଦିରରେ ମଙ୍ଗଳ ଆଳତି, ନଗର କିର୍ତ୍ତନ ସହ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଠାକୁରଙ୍କ ଅଭିଷେକ ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିର ପରିସରରେ ଗୀତା ପଠନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଶୁଣିବା ପାଇଁ ଅନେକ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ରୁଣ୍ଡ ହୋଇଥିଲେ। ମନ୍ଦିରକୁ ସୁସଜ୍ଜିତ ଅଲୋକ ମାଳାରେ ସଜ୍ଜିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳକ ଡାକ୍ତର ହରେକୃଷ୍ଣ ଦାସ, ଜୟାନନ୍ଦ ଦାସ, ସତ୍ୟ ଗୌରହରି ଦାସ, ସରୋଜ ପାତ୍ର, ଗୋବିନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବିଶ୍ୱକର୍ମା ପୂଜା: ବାଲେଶ୍ୱର ଉତ୍ସବମୁଖର

ବାଲେଶ୍ୱର ଅଫିସ, ୧୮।୯

ବାଲେଶ୍ୱର ଆଲଏକ୍ କମ୍ପାନୀ ପରିସର ମଧରେ ବିଶ୍ୱକର୍ମା ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆକର୍ଷଣୀୟ ତୋରଣ ସହିତ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ କମ୍ପାନୀ ପରିସରକୁ ସଜାଯାଇଛି। ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଆସି ଠାକୁରଙ୍କୁ ଦର୍ଶନ କରିଥିଲେ। ସମସ୍ତଙ୍କ ନିମନ୍ତେ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। କମ୍ପାନୀ ନିର୍ଦ୍ଦେଶକ ଧୀରେନ କୁମାର ନାଥ, ହରିକୃଷ୍ଣ ସାହୁ, ତିଲକ ଥାପ୍ପା, ରାଜୀବ ମହାପାତ୍ର, ସୁରେଶ ବାବୁ, ଦ୍ୱିଜରାଜ ଦାଶ, ଶିବ ପେରିଓ୍ୱାଲଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ଶଶିଭୂଷଣ ଗ୍ରହାଚାର୍ଯ୍ୟ, ଦେବାଶିଷ ଚାଟାର୍ଜୀ, ଶିବଶଙ୍କର ମିଶ୍ର, ଶରଣ ପରିଡ଼ା, ଗଣେଶ୍ୱର ମୁଦୁଲି, ଘନ ବିଶୋଇ, ଅଜିତ ସୁବୁଦ୍ଧି, ବୁଦ୍ଧଦେବ ଦାସ, ଖଗେନ୍ଦ୍ର ବିନ୍ଧାଣୀ, ନରହରି ମହାଳିକ ପମୁଖ ସହଯୋଗ କରିଥିଲେ।


ବାଲେଶ୍ୱର ଆଲଏକ୍‌ରେ ବିଶ୍ୱକର୍ମା ପୂଜା।

**ରୂପ୍‌ସା,(ଡି.ଏନ.ଏ.)**–ବାଲେଶ୍ୱର ସଦର ବ୍ଲକ ସମେତ ରୂପ୍‌ସା ଥାନା କସିପଦା, ଆଙ୍କୋ, ରୂପ୍‌ସା, ଗଡ଼ପଦା ଓ ରାଉତପଡ଼ା ଆଦି ପଞ୍ଚାୟତ ବିଶ୍ୱକର୍ମାଙ୍କ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ୨ ଦିନ ଧରି ବିଭିନ୍ନ ଶିଳ୍ପ ଓ ବୈଷୟିକ ଅନୁଷ୍ଠାନ ସମେତ ବ୍ୟବସାୟୀମାନେ ବିଶ୍ୱକର୍ମାଙ୍କୁ ଯଥାବିଧି ପୂଜାର୍ଚ୍ଚନା କରିଛନ୍ତି। ସ୍ଥାନୀୟ ଝୋଟ କାରଖାନା ଶ୍ରମିକ ସଂଘ ଆନୁକୂଲ୍ୟରେ ସୋମବାର ଘଟୋତ୍ତୋଳନ ପୂର୍ବକ ପୂଜାପାଠ ଆରମ୍ଭ ହୋଇଛି। ସାଧାରଣ ସମ୍ପାଦକ ଦୀପକ ପଣ୍ଡା, ପୂଜା କମିଟି ସମ୍ପାଦକ ମୁରଲୀଧର ସେଠୀ, ସହସମ୍ପାଦକ ରାଜେଶ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ଦିନ ବ୍ୟାପୀ ପୂଜା ଉତ୍ସବ ପରିଚାଳିତ ହୋଇଛି। ପ୍ରତି ସନ୍ଧ୍ୟାରେ ମେଲୋଡ଼ି କାର୍ଯ୍ୟକ୍ରମ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାର୍ଶ୍ୱ ଦେବଦେବୀ, ଆକର୍ଷଣୀୟ ତୋରଣ ଓ ରଙ୍ଗିନ ଆଲୋକମାଳା ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା। ମଙ୍ଗଳବାର ଝୋଟକଳ ଦେଖିବା ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ରୂପ୍‌ସା ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।


ରୂପ୍‌ସା ଝୋଟକଳରେ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତି।

**ଖଇରା,(ଡି.ଏନ.ଏ.)**–ଖଇରା ବ୍ଲକ୍‌ର ବିଭିନ୍ନ ସରକାରୀ ଓ ଘରୋଇ ଅନୁଷ୍ଠାନରେ ସୋମବାର ଦେବଶିଳ୍ପୀଙ୍କୁ ଆରାଧନା କରାଯାଇଛି। ଡୁଙ୍ଗୁରା ଫିଡର ଆକାଂକ୍ଷା କାର୍ଯ୍ୟାଳୟରେ ପୂଜକ ବିନୋଦ ପାଣିଗ୍ରାହୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କୃଷ୍ଣଚନ୍ଦ୍ର ମିଶ୍ର, ଗଣେଶ୍ୱର ସାହୁଙ୍କ ଦ୍ୱାରା କଳସ ଅଣାଯାଇଥିଲା। ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ ବେହେରା, ବିଶ୍ୱନାଥ ପାଣ୍ଡିଆ, ବୁଢା ପ୍ରଧାନ, ରାଜେଶ ସାହୁ, ମନୋଜ ପ୍ରଧାନ, ପ୍ରଫୁଲ୍ଲ ମହାନ୍ତି, ସୁଶାନ୍ତ ପାଢୀ ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ଏସ୍‌ଆର ଗ୍ରୁପର ଦେଉଳୀ କାର୍ଯ୍ୟାଳୟ ପରିସରରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ର ମହାକୁଡ ଓ ସୁକାନ୍ତି ମହାକୁଡଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ପଣ୍ଡିତ ଦେବ ଆଚାର୍ଯ୍ୟଙ୍କ ଦ୍ୱାରା ପୂଜା ସମ୍ପନ୍ନ ହୋଇଥିଲା। ଏଥିରେ ଗଣ୍ଡିବେଡ ବଜାରର ବହୁ ବ୍ୟବସାୟୀ ଯୋଗ ଦେଇଥିଲେ। ସେହିଭଳି ଡିଏସ ଆଇଟିଆଇ ପକ୍ଷରୁ କୋଚିଆକୋଇଲିସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ମହେନ୍ଦ୍ର କୁମାର ଓଝାଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ଚିନ୍ମୟ ସେଠୀଙ୍କ ଦ୍ୱାରା କଳସ ଆଣିବା ପରେ ଉଦୟ ପାଣିଗ୍ରାହୀଙ୍କ ଦ୍ୱାରା ବିଶ୍ୱକର୍ମାଙ୍କୁ ଆରାଧନା କରାଯାଇଥିଲା। କୁପାରୀ ଶୁନ୍ୟମଣ୍ଡପ ଡ୍ରାଇଭର ସଂଘ ପକ୍ଷରୁ ମଧ୍ୟ ଜାକଜମକରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି।


ଡୁଙ୍ଗୁରା ଆକାଂକ୍ଷା କାର୍ଯ୍ୟାଳୟରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା।

**ବାହାନଗା, ୧୮।୯(ଡି.ଏନ.ଏ.)**–ବିଶ୍ୱକର୍ମା ପୂଜା ଉପଲକ୍ଷେ ଦୁଇଦିନ ଧରି ଗୋପାଳପୁର ଓ ବାହାନଗା ବିଦ୍ୟୁତ୍ କାର୍ଯ୍ୟାଳୟ ଦୁଲୁକୁଛି। ସୋମବାର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ମହାଆଡମ୍ବରରେ କରାଯାଇଛି। ବାହାନଗା ବ୍ଲକ ବିଦ୍ୟୁତ ଏସ୍‌ଡିଓ କାର୍ଯ୍ୟାଳୟ ପରିସରରେ ବିଶ୍ୱକର୍ମାଙ୍କ ପୂଜା କରାଯାଉଥିବା ବେଳେ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ଗୋପାଳପୁର ବିଦ୍ୟୁତ ବିଭାଗ ନେସ୍କୋ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଗୋପାଳପୁର ଷ୍ଟ୍ରକ୍‌ଚର ପରିସରରେ ଆକର୍ଷଣୀୟ ତୋରଣ ସମେତ ମୃଣ୍ମୟୀ ମୂର୍ତ୍ତି କରାଯାଇ ପୂଜା କରାଯାଉଛି। ସେହିପରି ଗୋପାଳପୁର ବଜାର ଓ ଖନ୍ତାପଡା ବଜାରରେ ମଧ ବିଶ୍ୱକର୍ମାଙ୍କ ପୂଜା କରାଯାଇଛି।


ଗୋପାଳପୁର ବିଦ୍ୟୁତ ଷ୍ଟ୍ରକଚର ପରିସରରେ ପୂଜା ପାଉଥିବା ଦେବଶିଳ୍ପୀ ବିଶ୍ୱକର୍ମା।

# କାର୍ଯ୍ୟକାରିଣୀରେ ରଣକୌଶଳ

ଭୋଗରାଇ, ୧୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରି ଗଢ଼ି ତୋଳିବାକୁ କଂଗ୍ରେସ ନେତାମାନେ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଥାନାଛକସ୍ଥିତ ଜଳେଶ୍ୱରପୁର ବରେନ୍ଦ୍ର ପାତ୍ରଙ୍କ ବାସଭବନରେ ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଦଳର ଛାମୁଆ ନେତାଙ୍କୁ ନେଇ ନିର୍ବାଚନ ରଣକୌଶଳ ପ୍ରସ୍ତୁତ କରିଛନ୍ତି। ବ୍ଲକ କଂଗ୍ରେସ ଶାଖାର ସଭାପତି ଆଶିଷ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଦଳର ଶୃଙ୍ଖଳା, ଏକତାକୁ ପ୍ରାଧାନ୍ୟ ଦିଆଯାଇ ଥିବାବେଳେ ସମସ୍ତ ବୁଥକେନ୍ଦ୍ର ଅଧୀନରେ ଥିବା ଦଳୀୟ କର୍ମୀ ଓ ନେତାଙ୍କର କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରାଯାଇ ମତାମତ ଲୋଡ଼ାଯାଇଛି। ଶାସକ ବିଜେଡିର ଦୁର୍ନୀତି କେଳେଙ୍କାରୀକୁ ଗ୍ରାମାଞ୍ଚଳ ଲୋକଙ୍କୁ ଜଣାଇବା ସହିତ କେନ୍ଦ୍ରରେ ଭାଜପା ସରକାରଙ୍କ ଜନସ୍ୱାର୍ଥ ବିରୋଧୀ ନୀତି ବିରୋଧରେ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ଛାମୁଆ ନେତାମାନେ କର୍ମୀମାନଙ୍କୁ ହୁସିଆର କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳର କର୍ମୀ ଓ ନେତାମାନେ କଂଗ୍ରେସ ପତାକା ତଳେ ଏକ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଲୋକଲୋଚନକୁ ଆଣି ଘନଘନ ବୈଠକ, କାର୍ଯ୍ୟପନ୍ଥା, ନେତା କର୍ମୀଙ୍କ ସହିତ ସୁସମ୍ପର୍କ ରକ୍ଷା କରି ଦୁର୍ନୀତି ବିରୋଧୀ ଜନମତକୁ ନିଜ ସପକ୍ଷରେ ଆଣିବାକୁ ନେତାମାନେ ଜାଗ୍ରତ ହେବାକୁ ବୈଠକରେ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ମହେଶପୁର ଓ ଭୋଗରାଇ ପଞ୍ଚାୟତର ୬ଜଣ ବିଜେଡି ଓ ଭାଜପା ଦଳର ପଞ୍ଚାୟତ ନେତାମାନେ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ତପନ ଦାସ, ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ଗତ ବିଧାନସଭା ପ୍ରାର୍ଥୀ ସତ୍ୟଶିବ ଦାସ, ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର, ପ୍ରବୀଣ ନେତା ଦୀପେଶ ଚନ୍ଦ୍ର ରାୟ, ପ୍ରଦୀପ ନାୟକ, କାର୍ତ୍ତିକ ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ଜେନା, ରବୀନ୍ଦ୍ର ପ୍ରଧାନ, ବରେନ୍ଦ୍ର ପାତ୍ର, ଧର୍ମପଦ ଦାସ ଓ ଗୋପବନ୍ଧୁ ମହାପାତ୍ର ପ୍ରମୁଖ କଂଗ୍ରେସର ପ୍ରବୀଣ ଓ ନବୀନ ନେତାମାନେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୁଶାସନକୁ ହଟାଇ କଂଗ୍ରେସକୁ କ୍ଷମତାକୁ ଆଣିବାକୁ କର୍ମୀ, ନେତାମାନେ ଅଣ୍ଟା ଭିଡ଼ିବାକୁ ଆହ୍ୱାନ ଦେଇଛନ୍ତି।


ବିଜେଡି ଓ ଭାଜପା ନେତାମାନେ କଂଗ୍ରେସରେ ସାମିଲକୁ ସ୍ୱାଗତ କରୁଛନ୍ତି କଂଗ୍ରେସ ନେତୃବୃନ୍ଦ।

### ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ପଞ୍ଚାୟତ ପରିକ୍ରମା

**ଔପଦା, ୧୮।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକର ବ୍ଲକଗ୍ରାଣ୍ଟ ଶିକ୍ଷକ ସଂଘ ଶାଖା ତରଫରୁ ବିଭିନ୍ନ ଦାବି ନେଇ ବିଭିନ୍ନ ପଞ୍ଚାୟତ ପରିକ୍ରମା ସହ ମଙ୍ଗଳବାର ଧର୍ମଘଟ ଆରମ୍ଭ ହୋଇଥିଲା। ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ବିଭିନ୍ନ ସ୍ଲୋଗାନ ଦେଇ ବାଇକ୍ ଶୋଭାଯାତ୍ରାରେ ଆରମ୍ଭ କରିଥିଲେ। ସେମାନେ ଔପଦା ବଜାର ଇନ୍ଦିରାଗାନ୍ଧୀ ଗୋଲେଇ ନିକଟରେ ସମବେତ ହୋଇ ଏକ ପଥପ୍ରାନ୍ତ ସଭା କରିଥିଲେ। ସଭାରେ ଶିକ୍ଷକନେତା ତଥା ବାବା ପଞ୍ଚୁଲିଙ୍ଗେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ସନାତନ ବେହେରା ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ଓ ବ୍ଲକଗ୍ରାଣ୍ଟ ଶିକ୍ଷକମାନଙ୍କ ପ୍ରତି ଅବିଚାର ତଥା ବୈମାତୃକ ମନୋଭାବର ଅଭିଯୋଗ କରି ତୀବ୍ର ସମାଲୋଚନା କରିଥିଲେ। ଶିକ୍ଷକନେତା ବୈକୁଣ୍ଠ ପୁଥାଳ, ଯୋଗେନ୍ଦ୍ର ପଣ୍ଡା, ଶୁଭ୍ରାଂଶୁ ଦଳେଇ, ପୂର୍ଣ୍ଣଚନ୍ଦ୍ର ସାହୁ, କୈଳାସ ମିଶ୍ର, କୃଷ୍ଣଚନ୍ଦ୍ର ଦାସ, ସରସ୍ୱତୀ ସାହୁ ପ୍ରମୁଖ ଏହି ଧର୍ମଘଟର ନେତୃତ୍ୱ ନେଇଥିଲେ।

### ପାଗଳ କୁକୁର କାମୁଡ଼ାରେ ୭ ଆହତ

**ସୋର, ୧୮।୯(ଡ଼ି.ଏନ୍.ଏ.)** ସୋର ଥାନା ଅନ୍ତର୍ଗତ ମାଣିପୁର ପଞ୍ଚାୟତର ଖୁଣ୍ଟା ଗ୍ରାମରେ ଏକ ପାଗଳ କୁକୁର କାମୁଡ଼ାରେ ୭ଜଣ ଆହତ ହୋଇ ସୋର ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ଆହତମାନେ ହେଲେ କୁନିଲତା ସାହୁ, ନିର୍ମଳ ବେହେରା, ଚନ୍ଦ୍ରକାନ୍ତ ମହନ୍ତ, ଜାନକୀ ଜେନା, ଯୁଧିଷ୍ଠୀର ଧଳ ଓ ପ୍ରଫୁଲ୍ଲ ଧଳ। ତବେ ଏହି ପାଗଳ କୁକୁରକୁ ଧରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ବନବିଭାଗଠାରେ ଅଭିଯୋଗ କରାଯାଇଛି।

# ଶ୍ରୀନିବାସ କଲେଜରେ ଛାତ୍ର ଅଶାନ୍ତି

ସୋର, ୧୮।୯(ଡ଼ି.ଏନ୍.ଏ.)

ସୋର ବ୍ଲକ ଅନ୍ତର୍ଗତ ମଙ୍ଗଳପୁରଠାରେ ଥିବା ଶ୍ରୀନୀବାସ ମହାବିଦ୍ୟାଳୟର ଛାତ୍ର ଅଶାନ୍ତି ଦେଖାଦେଇଛି। ଛାତ୍ରମାନେ ଗେଟରେ ତାଲା ପକାଇଦେଇଥିଲେ।

ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗଣେଶ ପୂଜା କରିଥିଲେ। ମାତ୍ର କଲେଜ ମଧକୁ କେତେକ ଅଣଛାତ୍ର ପ୍ରବେଶ କରି ପୂଜା ଦାୟିତ୍ୱରେ ଥିବା ଛାତ୍ରମାନଙ୍କୁ ଚାନ୍ଦା ମାଗିଥିଲେ। ଛାତ୍ରମାନେ ଚାନ୍ଦା ନ ଦେବାରୁ ଅଣଛାତ୍ରମାନେ ମାଡ ମାରିଥିଲେ। ଏଥିନେଇ ଛାତ୍ରମାନେ ଅଣଛାତ୍ରଙ୍କ ବିରୋଧରେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ପ୍ରତିବାଦରେ ଛାତ୍ରମାନେ ମଙ୍ଗଳବାର ଗେଟରେ ତାଲା ପକାଇ ଅଣଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଘଟଣାସ୍ଥଳରେ ଅଧକ୍ଷ ପରମାନନ୍ଦ ମିଶ୍ର ପହଞ୍ଚି ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଛାତ୍ରମାନଙ୍କର ଦାବି ପୂରଣ କରିବା ସହିତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ନୂତନ ଭୋଟର ପଞ୍ଜୀକରଣ ନେଇ ତତ୍ପରତା


ପ୍ରାକ୍-ନିର୍ବାଚନୀ ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

ବାଲେଶ୍ୱର ଅଫିସ, ୧୮।୯

**ପ୍ରାକ୍ ନିର୍ବାଚନୀ ବୈଠକ**

ବାଲେଶ୍ୱର ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ପୂର୍ବାହ୍ନରେ ପ୍ରାକ୍-ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ପ୍ରସ୍ତୁତି ସହ ସମସ୍ତ ଅଧିକାରୀଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ଅବଗତ କରାଯାଇଥିଲା।

ଜିଲାପାଳ ନୂତନ ଭୋଟର ପଞ୍ଜୀକରଣ ପ୍ରକ୍ରିୟାକୁ ଯେପରି ନିର୍ଭୁଲ ଏବଂ ଦ୍ରୁତ ଭାବେ କରାଯାଇପାରିବ ବୁଥସ୍ତରୀୟ ଅଧିକାରୀ, ସୁପରଭାଇଜର ନିଯୁକ୍ତ, ସେକ୍ଟର ଗଠନ, ସେକ୍ଟର ଅଧିକାରୀ ନିଯୁକ୍ତି, ଭିସିଏଫ ଫାଇଲ ପ୍ରସ୍ତୁତି, ଜିଲା ନିର୍ବାଚନ ପରିଚାଳନା ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ୟାପ୍ରବଣ ସ୍ଥାନ ଚିହ୍ନଟ, ରୋଡ଼ମ୍ୟାପ ପ୍ରସ୍ତୁତି, ଦିବ୍ୟାଙ୍ଗ ଭୋଟରଙ୍କୁ ସାମିଲ କରିବା, ମୃତ ଭୋଟରଙ୍କୁ ବାଦ୍ ଦେବା, ନିର୍ବାଚନ ପରିଚାଳନା କର୍ମଚାରୀ ତଥ୍ୟ ସଂଗ୍ରହ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରିଚାଳନାଗତ ତ୍ରୁଟି ଯେପରି ନ ହୁଏ ସେଥିପାଇଁ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଉଭୟ ବାଲେଶ୍ୱର ଓ ନୀଳଗିରି ଉପ-ଜିଲାପାଳ ତଥା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଷ୍ଟ୍ରଙ୍ଗରୁମ ନିମନ୍ତେ ସ୍ଥାନୀୟ ଫକୀରମୋହନ ମହାବିଦ୍ୟାଳୟର କମର୍ସ ବ୍ଲକକୁ ନିରୂପଣ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ମଧରେ ଜିଲା ନିର୍ବାଚନ ପରିଚାଳନା ଯୋଜନାର ଚିଠା ପ୍ରସ୍ତୁତ କରିବାକୁ ଧାର୍ଯ୍ୟ କରାଯାଇଛି। ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଯୋଜନା ପ୍ରସ୍ତୁତ କରାଯିବ। ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ବିଡିଓ, ତହସିଲଦାର, ଆଇଆଇସି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀମାନେ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ସହିତ କେତେକ ସମସ୍ୟାପ୍ରବଣ ଅଞ୍ଚଳ ଚିହ୍ନଟ କରି ସେ ଅଞ୍ଚଳରେ ସମସ୍ୟା ଏବଂ ସମାଧାନ ବାବଦରେ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ଭୋଟର ତାଲିକା ପ୍ରସ୍ତୁତି କ୍ଷେତ୍ରରେ ବିଏଲଓ, ଅଙ୍ଗନୱାଡ଼ି କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ନାଗରିକ କମିଟିଗୁଡ଼ିକର ସହାୟତା ଲୋଡ଼ାଯାଇପାରେ। ବୈଠକରେ ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ଅବୋଲି ସୁନୀଲ ନରଓ୍ୱଣେ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସମସ୍ତ ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ।



ମାଆ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଗଣେଶ ପୂଜାରେ ରକ୍ତଦାନ ଶିବିର



**ବାରିପଦା ଅଫିସ,୧୮।୯:** ମୟୂରଭଞ୍ଜ ଜିଲା ବାରିପଦା ସହର ତୁଳସୀଚଉରାସ୍ଥିତ ଫ୍ରେଣ୍ଡସ୍ ୟୁନିୟନ ଗଣେଶ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ଅବସରରେ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ଶିବିରରେ ମୋଟ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ରକ୍ତ ଅଭାବ ଯୋଗୁ କାହାରିକୁ ମୃତ୍ୟୁ ମୁଖକୁ ଠେଲି ଦିଆଯିବ ନାହିଁ ବୋଲି କମିଟି ସଭ୍ୟମାନେ ଶପଥ କରିବା ସହିତ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ମହତ କାର୍ଯ୍ୟ ପାଇଁ ଅଞ୍ଚଳବାସୀ କମିଟି ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଶିବିରକୁ ଡା.ପ୍ରଦୀପ ମହାପାତ୍ର, ପୂର୍ବତନ କାଉନସିଲର ଅନନ୍ତ ଦାସ ଏବଂ ରେଡକ୍ରସର ଆଜୀବନ ସଦସ୍ୟ ଅମର ସେଠୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ପୂଜା କମିଟି ସଭାପତି ସୌମ୍ୟ ରଞ୍ଜନ ମିଶ୍ର ଓ ସମ୍ପାଦକ ଦେବାଶିଷ ଦାସ ଶିବିରକୁ ପରିଚାଳନା କରିଥିଲେ।

### ନଦୀରେ ବୁଡ଼ିଗଲେ ବୃଦ୍ଧ

**ମୋରଡା,୧୮।୯:** ମୋରଡା ଥାନା ଅଧୀନ ଘୋଳମୁହାଁ- ଖୁଣ୍ଟାପାଳ ଜଭିରା ନଦୀରେ ବୁଡ଼ି ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ପଚରାଉଚରା ପରେ ମୃତକ ନୂଆଝାଲିଆ ପଞ୍ଚାୟତ ଭୁରୁଙ୍ଗାଶୋଳ ଗ୍ରାମର ଗୟାଧର ହେମ୍ବ୍ରମ (୬୫) ବୋଲି ଜଣାପଡିଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ୭ ଚାଳକଙ୍କ ଲାଇସେନ୍ସ ରଦ୍ଦ

**ବାରିପଦା ଅଫିସ,୧୮।୯:** ମଙ୍ଗଳବାର ବାରିପଦା ସହର କୃଷ୍ଣଚନ୍ଦ୍ର ଗୋଲେଇଠାରେ ବାରିପଦା ପୋଲିସ ପକ୍ଷରୁ ଏମଭି ଚେକିଂ କରାଯାଉଥିବା ବେଳେ ମୋବାଇଲରେ କଥା ହୋଇ ଗାଡି ଚଲାଉଥିବା ବେଳେ ୭ ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଏହାବ୍ୟତୀତ ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ୯ ହଜାର ୨ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ଅଶୋକ

### ୭୦ ହଜାର ଟଙ୍କା, ଅଳଙ୍କାର ଚୋରି

**ବାରିପଦା ଅଫିସ,୧୮।୯:** ମଙ୍ଗଳବାର ଦିନ ଦ୍ୱିପ୍ରହରରେ ବାରିପଦା ସହର ୱାର୍ଡ ନଂ୨ ବୁଢ଼ିଖମାରି ଅଞ୍ଚଳର ଜ୍ଞାନ ରଞ୍ଜନ ଜେନାଙ୍କ ଘରୁ ଚୋରି ହୋଇଛି। ଘରେ କେହି ନ ଥିବା ସୁଯୋଗରେ କେହି ଦୁର୍ବୃତ୍ତ ଝରକା ଭାଙ୍ଗି ନଗଦ ୭୦ ହଜାର, ସୁନା ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଇଯାଇଛନ୍ତି। ଏନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୨୬/୧୮) ରୁଜୁ କରି ତଦନ୍ତ କରୁଛି।

### ବିଶ୍ୱକର୍ମା ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ବଡସାହି,୧୮।୯(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଧୀନ ଇଟାମୁଣ୍ଡିଆ ଗ୍ରାମ ବିଶ୍ୱକର୍ମା ପୂଜା କମିଟି ଓ ପୁରି ବେଲା ଗ୍ରୁପ ଆନୁକୂଲ୍ୟରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିଦିନ ସନ୍ଧ୍ୟାରେ ଗ୍ରାମାଞ୍ଚଳର ମହିଳାମାନଙ୍କୁ ନେଇ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ, ଝୋଟି ଆଦି ପ୍ରତିଯୋଗିତା କରାଯାଇଛି । ଆଖପାଖ ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ଏହାକୁ ଉପଭୋଗ କରିଛନ୍ତି । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି କେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବନସୁରକ୍ଷା କମିଟି ସଭାପତି ଗୋପିନାଥ ସିଂ ଓ ସମିତିସଭ୍ୟ ଶିବନାଥ ସିଂ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ କରିଛନ୍ତି ।

# ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଉଦଳା, ୧୮।୯ (ଡି.ଏନ.ଏ.)**

ଉଦଳା ଏନଏସି ପକ୍ଷରୁ ବେଆଇନ ଭାବେ ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସ ଆଦାୟ କରିବା ଏବଂ ନୂତନ ଭାବେ ନିର୍ମିତ ଦୋକାନ ଗୃହ ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ବିଜେଡି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିଯୋଗୁ ଏନଏସି କାର୍ଯ୍ୟାଳୟ କାମ ବାଧାପ୍ରାପ୍ତ ହୋଇଛି।

ଉଦଳା ଏନଏସି ପକ୍ଷରୁ ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସ ଆଦାୟ ନେଇ ପୂର୍ବରୁ ବିବାଦ ଲାଗି ରହିଛି। ଅଗଷ୍ଟ ୧୫ ତାରିଖ ସୁଦ୍ଧା ଏହାର ପୁନଃ ମୂଲ୍ୟାୟନ କରାଯିବ ବୋଲି ପୂର୍ବରୁ କୁହାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଅପରପକ୍ଷେ ଉଦଳା ହାଇସ୍କୁଲ ଛକ ନିକଟ ଗଣେଶ ମାର୍କେଟରେ ନୂତନ ଭାବେ ଏନଏସି ପକ୍ଷରୁ ନିର୍ମାଣ କରାଯାଇଥିବା ଦୋକାନ ଗୃହ ଆବଣ୍ଟନରେ ଅନିୟମିତତା ହୋଇଥିବା ବିଜେଡି ଅଭିଯୋଗ କରିଛି । ଏହାକୁ ନେଇ ମଙ୍ଗଳବାର ଉଦଳା ବିଜେଡି




ଉଦଳା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରତ ବିଜେଡି କର୍ମୀ ।

**ଦୋକାନ ଗୃହ ଆବଣ୍ଟନରେ ଅନିୟମିତତା**
- ୭ ଦିନରେ ସମାଧାନ ନ ହେଲେ ବ୍ୟାପକ ହେବ ଆନ୍ଦୋଳନ
- ପୂର୍ବରୁ ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସକୁ ନେଇ ବିବାଦରେ ଏନଏସି

ପକ୍ଷରୁ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ କାର୍ଯ୍ୟାଳୟକୁ ଅଚଳ କରାଯାଇଥିଲା। କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଏ ନେଇ ଏକ ସ୍ମାରକପତ୍ର ଉପଜିଲାପାଳଙ୍କୁ ବିଜେଡି ପକ୍ଷରୁ ପ୍ରଦାନ କରାଯାଇଛି । ତେବେ ଏହି ଦାବି ସମୂହ ୭ ଦିନ ମଧ୍ୟରେ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଚେତାବନୀ ଦିଆଯାଇଛି । ଅନ୍ୟପଟେ ନୂତନ ଭାବେ ଯୋଗ ଦେଇଥିବା ଉପଜିଲାପାଳ ଭଗବାନ ବେହେରା ଦୁଇ ଗୋଟି ଅଭିଯୋଗ ଉପରେ ତଦନ୍ତ କରିବା ସହିତ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଏହି ବିକ୍ଷୋଭରେ ଜିଲା ଉପସଭାପତି ମନୋଜ କୁମାର ମହାନ୍ତି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ନଗର ସଭାପତି ବନମାଳୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଲାଲ ସୋରେନ୍, ପ୍ରଦୀପ ପରିଡ଼ା, ସୁଜିତ୍ ପୋଥାଳଙ୍କ ସମେତ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ ।

## ଡିପ୍ଲୋମା ଇଞ୍ଜିନିୟର୍ସଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ରାଇରଙ୍ଗପୁର ,୧୮।୯ (ଡି.ଏନ୍.ଏ)**

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ଆହ୍ୱାନ କ୍ରମେ ୫ ଦଫା ଦାବୀ ଘେନି ରାଇରଙ୍ଗପୁର ସବଡିଭିଜନ ଶାଖା ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ପକ୍ଷରୁ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନ ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଡିପ୍ଲୋମା ଇଞ୍ଜିନିୟର୍ସଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରାଇରଙ୍ଗପୁର ସବଡିଭିଜନର ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ, କ୍ଷୁଦ୍ର ଜଳଯୋଗାଣ ଆଦି ବିଭାଗର କାମ ବାଧାପ୍ରାପ୍ତ ହୋଇଛି। ରାଇରଙ୍ଗପୁର ଶାଖା ଡିପ୍ଲୋମା ଇଞ୍ଜିନିୟର୍ସ ସଂଘର ଆବାହକ ଇଂ. ଦିଲୀପ କୁମାର ଗିରି (ଆବାହକ), ସଭାପତି ଇଂ. ନିଶିକାନ୍ତ ରାୟ ଏବଂ ସମ୍ପାଦକ ଇଂ. ନଗେନ୍ଦ୍ର ନାଥ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ରାଇରଙ୍ଗପୁର ସବଡିଭିଜନର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟର ୮୩ ଜଣ ଡିପ୍ଲୋମା ଇଞ୍ଜିନିୟର ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡିପ୍ଲୋମା ଇଞ୍ଜିନିୟର୍ସଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ରାମଚରିତ ମାନସ ଅନୁଷ୍ଠିତ

**ବାରିପଦା ଅଫିସ/ବଡ଼ସାହି, ୧୮।୯(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ରତନପୁର ଗ୍ରାମ ରାମକୃପା ପରିଷଦ ଆନୁକୂଲ୍ୟରେ ୧୧ତମ ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୯ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ପ୍ରଭୁ ଶ୍ରୀରାମଙ୍କ କଥା ଶୁଣିଥିଲେ। ସନ୍ତୋଷ ନାୟକ ଓ ସୁଧୀର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକରୁ ଆସିଥିବାର ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ରାମଚରିତ ମାନସ ପ୍ରବଚନ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ମମତା ଦାଶ, ରାଧାକୃଷ୍ଣ ମାହାର୍ଣ୍ଣା, ଗଣେଶ୍ୱର ମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇଗୋଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା । ବ୍ରହ୍ମଚାରୀ ସତ୍ୟ ଚୈତନ୍ୟଙ୍କ ଦ୍ୱାରା ପୁସ୍ତକ 'ଭିଡ ଭିତରେ ମୁଁ' ଓ ରତନପୁର ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ପୁସ୍ତକ 'ଭଦ୍ରା' ଉନ୍ମୋଚିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ବହୁ ସାଧୁସନ୍ଥ ଓ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ଏହା ସହିତ ରତନପୁର, ଟେଙ୍ଗୁଆ ମଙ୍ଗଳପୁର, ଭୀମଦା, ରାଉତରାପୁର, ଦାଉଁଡିଆ, ଆରପଟା, ମାଣତ୍ରୀ, ଦୁର୍ଗାଦେବୀ ଆଦି ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତ ଉପସ୍ଥିତ ରହି ପ୍ରସାଦ ସେବନ କରିଛନ୍ତି । କାର୍ଯ୍ୟକ୍ରମକୁ ଗ୍ରାମବାସୀ ସହଯୋଗ କରିଛନ୍ତି।

## ବିଦ୍ୟୁତ୍ ସମସ୍ୟା ସମାଧାନ ଲାଗି ରାସ୍ତା ଅବରୋଧ




ଉତ୍ୟକ୍ତ ଅଞ୍ଚଳବାସୀ ମୁଣ୍ଡୁରିପାଳ ଛକ ନିକଟରେ ରାସ୍ତା ଅବରୋଧ କରିଛନ୍ତି।

**କୋଷ୍ଟା,୧୮।୯**

କୋଷ୍ଟା ବ୍ଲକ ଅଞ୍ଚଳରେ ଦୀର୍ଘ ଦିନ ହେବ ବିଦ୍ୟୁତ୍ ଯୋଗାଣରେ ଅନିୟମିତତା ଲାଗି ରହିଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏହାର ସମାଧାନ ହେଉ ନ ଥିବାରୁ ଅତିଷ୍ଠ ଅଞ୍ଚଳବାସୀ ମଙ୍ଗଳବାର ବାଘଡା - ବାରିପଦା ମୁଖ୍ୟ ରାସ୍ତାକୁ ମୁଣ୍ଡୁରିପାଳ ଛକଠାରେ ଅବରୋଧ କରିଛନ୍ତି । ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁ ଯାତ୍ରୀମାନେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା

## ଅତୀବଡିଙ୍କ ଜନ୍ମ ତିଥି

**କୋଷ୍ଟା,୧୮।୯**

କୋଷ୍ଟା ମାଉସୀ ମା' ପୀଠସ୍ଥ ଭାଗବତଟୁଙ୍ଗିରେ ଅତୀବଡି ଜଗନ୍ନାଥ ଦାସଙ୍କ ଜନ୍ମତିଥି ଯଥାବିଧି ପାଳିତ ହୋଇଛି । ଭାଗବତଟୁଙ୍ଗିର ମୁଖ୍ୟ ପୁରୋଧା ଗୁଣାଧର ଦତ୍ତଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଉପସ୍ଥିତ ଭାଗବତ ପ୍ରେମୀ ତଥା ଶ୍ରୀ କ୍ଷେତ୍ର ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ରାଧାକାନ୍ତ ନାୟକ, ପରେଶ ଚନ୍ଦ୍ର ସାତୁଆ, ଭାଗବତ ନାଏକ, ପୂର୍ଣ୍ଣ ଚନ୍ଦ୍ର ସି, ପ୍ରଫୁଲ୍ଲ ସି, ଅମୂଲ୍ୟ ସେଠୀ, ହରେନ୍ଦ୍ର ସି, ସୁରେନ ଦାସ, ଛତିଶ ଦଳନାଏକ ପ୍ରମୁଖ ଉପସ୍ଥିତ ରହି ଅତୀବଡିଙ୍କ ସ୍ତୁତିଚାରଣ କରିଥିଲେ। ଏହି ଅବସରରେ ପାରମ୍ପରିକ ରୀତିରେ ଭାଗବତ ପାଠ କରାଯାଇଥିଲା ।

## କ୍ୟାରିୟର କାଉନସେଲିଂ ସେଣ୍ଟର ଚାଲୁ ନ ହେଲେ ଆନ୍ଦୋଳନ

**ବାରିପଦା ଅଫିସ,୧୮।୯**

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଭଞ୍ଜପୁର ନିକଟରେ ପ୍ରାୟ ୩ ବର୍ଷ ପୂର୍ବେ ପୁରୁଣା ପିଏମ ହଷ୍ଟେଲ ବିଲ୍ଡିଂଠାରେ କ୍ୟାରିୟର କାଉନସେଲିଂ ସେଣ୍ଟର ଖୋଲା ଯାଇଥିଲା। ହେଲେ ପ୍ରଶାସନର ଅବହେଳା କାରଣରୁ ଏହା ଏବେ ବନ୍ଦ ହୋଇଯାଇଛି। ଏହି ସେଣ୍ଟରକୁ ପୁନର୍ବାର ଖୋଲିବା ପାଇଁ ଜିଲାର ବେକାର ଯୁବତୀଯୁବକ ଏବଂ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମଙ୍ଗଳବାର ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରେରିତ କରିଛନ୍ତି। ଏହି ସେଣ୍ଟର ଖୋଲିବା ଦିନଠାରୁ ବେକାର ଯୁବତୀଯୁବକ ଓ ଛାତ୍ରୀଛାତ୍ରମାନେ ନିୟମିତ ଭାବେ ପଢ଼ାପଢ଼ି କରି ଅନେକ ଚାକିରି ମଧ୍ୟ ପାଇସାରଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ବିନା କୌଣସି ବିଜ୍ଞପ୍ତିରେ ବନ୍ଦ କରିଦିଆଯାଇଛି। ଆଗକୁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟ ପରୀକ୍ଷାମାନ ଥିବାରୁ ଏହାକୁ ପୁନଃ ଚାଲୁ କରିବା ପାଇଁ କାରାନ ମୁର୍ମୁ, ମଙ୍ଗଳ ସିଂ, ଗଣେଶ୍ୱର ସିଂ, ମନୋଜ କୁମାର ହେମ୍ବ୍ରମ, ରିନାରାୟ ମହାନ୍ତ, ସୂର୍ଯ୍ୟମଣି ବଗାଳ, ଋତୁରାଜ ହେମ୍ବ୍ରମ, ଧନୁ ସୋରେନ ପ୍ରମୁଖ ଦାବି କରିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଗୁରୁତ୍ୱ ନ ଦେଲେ ଆଗକୁ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।

## କେରଳ ବନ୍ୟା ପୀଡିତଙ୍କୁ ସହାୟତା

**ବାରିପଦା ଅଫିସ,୧୮।୯**

ମୟୂରଭଞ୍ଜ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ତରଫରୁ ଜିଲାର ସମସ୍ତ ଅଞ୍ଚଳର ଔଷଧ ବ୍ୟବସାୟୀଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବେ କେରଳ ବନ୍ୟା ପୀଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ୧ ଲକ୍ଷ ୭୪ ହଜାର ଟଙ୍କା କେରଳ ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ରିଲିଫ ପାଣ୍ଠିକୁ ଜିଲାପାଳ ବିନିତ ଭରଦ୍ୱାଜଙ୍କ ଜରିଆରେ ପ୍ରେରିତ କରାଯାଇଛି। ଜିଲାର ବାରିପଦା, ମୋରଡା, ବେତନଟି, ବଡସାହି, ଉଦଳା, କପ୍ତିପଦା, ବାଙ୍ଗିରିପୋଷି, ରାଇରଙ୍ଗପୁର, ବହଳଦା, କରଞ୍ଜିଆ ଓ ଯଶିପୁର ଅଞ୍ଚଳର ଔଷଧ ବ୍ୟବସାୟୀମାନେ ସ୍ୱେଚ୍ଛାକୃତ ଭାବେ ଏହି ଅର୍ଥ ଦେଇଛନ୍ତି। ଜିଲା ସମ୍ପାଦକ ସରୋଜ କୁମାର ସାହୁ, ପୂର୍ବତନ ସଭାପତି ସତ୍ୱଳ ବିହାରୀ ମହାନ୍ତି, ରାମଚନ୍ଦ୍ର ସାକୁନିଆ ପ୍ରମୁଖ ଜିଲାପାଳଙ୍କୁ ଏହି ସାହାଯ୍ୟ ଅର୍ଥ ପ୍ରଦାନ କରିଥିଲେ।



କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ତରଫରୁ ଜିଲାପାଳଙ୍କୁ ଡ୍ରାଫ୍ଟ ପ୍ରଦାନ କରାଯାଉଛି ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଲୋପା



@ ଗୀତା



@ ପ୍ରାଚୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସମର୍ଥନ ଲାଗି ଗାଁ ବୁଲିଲେ ଶିକ୍ଷକ




ବଡ଼ସାହିରେ ବ୍ଲକ ଗ୍ରାଣ୍ଟ ମିଳିତ ମଞ୍ଚ ପକ୍ଷରୁ ସ୍କୁଲ ସମ୍ମୁଖରେ ଧାରଣା ।

**ବାରିପଦା ଅଫିସ,୧୮।୯**

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଗୋପବନ୍ଧୁନଗରର ବ୍ଲକର ଶିକ୍ଷକ ସଂଘର କର୍ମକର୍ତ୍ତା ଏକ ବାଇକ୍ ରାଲିରେ ବିଭିନ୍ନ ଗ୍ରାମ ପରିକ୍ରମା କରିଛନ୍ତି। ସରକାର ଶିକ୍ଷକଙ୍କୁ କିଭଳି ଭାବେ ଅବହେଳିତ କରି ରଖିଛନ୍ତି ସେ ନେଇ ଲୋକଙ୍କୁ ଅବଗତ କରାଇଲେ ସଂଘର କର୍ମକର୍ତ୍ତାମାନେ। ଦୀର୍ଘ ଦିନ ଧରି ବିଦ୍ୟାଳୟକୁ ବନ୍ଦ ରଖି ଲକ୍ଷ୍ୟ ଲକ୍ଷ୍ୟ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ସରକାର ଖେଳୁଥିବା ସଂଘ ଅଭିଯୋଗ କରିଛି। ଏହି ଆନ୍ଦୋଳନରେ ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷାବିତଙ୍କୁ ସାମିଲ କରିବା ପାଇଁ ଉଦ୍ୟମ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ରାଲିରେ ସଭାପତି ଗୁଣାକାର ଦାସ, ସମ୍ପାଦକ ପ୍ରଶାନ୍ତ ପରିଡାଙ୍କ ନେତୃତ୍ୱରେ ମନୋରଞ୍ଜନ ବାରିକ, ଶରତ ଚନ୍ଦ୍ର ବେହେରା, ଅନିରୁଦ୍ଧ ମହାଲା, ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

**ବଡସାହି,(ସ୍ୱ.ପ୍ର)**–ନ୍ୟାଯ୍ୟ ଦାବି ପୂରଣ ଲାଗି ୩୪ ଦିନ ଧରି ଶିକ୍ଷକମାନେ ଭୁବନେଶ୍ୱର ରାଜରାସ୍ତାରେ ଧାରଣାରେ ବସିବା ପରେ ସୁଫଳ ନ ମିଳିବାରୁ ଗାଁକୁ ଫେରିଛନ୍ତି । ଓଡ଼ିଶା ସ୍କୁଲ ଶିକ୍ଷକ କଲେଜ କର୍ମଚାରୀ ମିଳିତ ମଞ୍ଚ ବଡ଼ସାହି ଶାଖା ପକ୍ଷରୁ ମଙ୍ଗଳବାର ପ୍ରତି ପଞ୍ଚାୟତ ସ୍ତରରେ ଥିବା ହାଇସ୍କୁଲ ଓ ଜନଗହଳି ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହା ଦୁଇ ଦିନ ଧରି ଚାଲିବାକୁ ଥିବା ବେଳେ ବ୍ଲକର ୩୦ଟି ପଞ୍ଚାୟତ ମଧ୍ୟରୁ ପ୍ରଥମ ଦିବସରେ ୭ଟି ପଞ୍ଚାୟତରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଓଷ୍ଟା ବ୍ଲକ ସମ୍ପାଦକ ପ୍ରଭାସ କୁମାର ନାୟକ ଓ ଉପସଭାପତି ଦେବରାଜ ନାୟକଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ମଙ୍ଗଳବାର ତାଳପଦା ପଞ୍ଚାୟତରୁ ଏକ ବାଇକ ରାଲିରେ ବାହାରି ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ସ୍ଲୋଗାନ ଦେଇଛନ୍ତି । ଦୁଇ ଦିନ ମଧ୍ୟରେ ସରକାର ଦାବି ପୂରଣ ନ କଲେ ଆସନ୍ତା ଗୁରୁବାର ଭୁବନେଶ୍ୱରଠାରେ ମହାସଂଗ୍ରାମ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ମୋରଡା**–ସେହିପରି ମୋରଡା ବ୍ଲକ ସମ୍ମୁଖରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କମଚାରୀ ମିଳିତ ମଞ୍ଚ ପକ୍ଷରୁ ୭ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏଥିରେ ବ୍ଲକ ଅଧୀନ ସମସ୍ତ ସ୍କୁଲ ଓ କଲେଜ ର ଶିକ୍ଷୟିତ୍ରୀଶିକ୍ଷକ ଓ ଅଧ୍ୟାପକମାନେ ଯୋଗ ଦେଇଛନ୍ତି ।

## ସଂକ୍ଷେପରେ

### ଅଟୋ ଭଡ଼ାକୁ ନେଇ ମାରପିଟ, ୩ ଗିରଫ

**ଯୋଡ଼ା,୧୮।୯(ଡି.ଏନ.ଏ.):** ବାମେବାରୀଠାରେ ଅଟୋ ଭଡ଼ା ଟଙ୍କାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ମାର୍‌ପିଟ୍ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯୋଡ଼ା ବସ୍ ଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ସନ୍ଦୀପ ସନକାର, ମଙ୍ଗଲ ସନକାର, ଅନିଲ ସନକାର। ରବିବାର ବିଳମ୍ବିତ ରାତିରେ ଜଣେ ମହିଳା ଯୋଡ଼ାରୁ ଏକ ଅଟୋ ଭଡ଼ା କରି ବାମେବାରୀକୁ କିଛି ସାମଗ୍ରୀ ଆଣୁଥିଲେ। ଭଡ଼ା କମକୁ ନେଇ ଡ୍ରାଇଭରଙ୍କ ସହ ବଚସା ହୋଇଥିଲା। ଅଟୋ ଡ୍ରାଇଭରଙ୍କ ସମେତ ୧୦ରୁ ୧୨ ଜଣ ଯୁବକ ସଂଘବଦ୍ଧ ହୋଇ ମହିଳାଙ୍କୁ ଆକ୍ରମଣ କରିବା ସହିତ ଦୁର୍ବ୍ୟବହାର କରିଥିଲେ। ଅଟୋ (ନଂ.ଓଡି ୦୯ ଜି- ୪୯୨୫)କୁ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୧୧୯/୧୮) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ବନ୍ଧ ଗ୍ରାମରେ ୨ ବଖରା ଜଳିଗଲା

**କୋଳିମାଟି, ୧୮।୯-** ଆନନ୍ଦପୁର ବ୍ଲକ ଧକୋଠା ପଞ୍ଚାୟତ ବନ୍ଧ ଗ୍ରାମରେ ସୋମବାର ରାତିରେ ସୁରେନ୍ଦ୍ର ପାତ୍ରଙ୍କ ୨ ବଖରା ଘର ଜଳି ଯାଇଛି। ଡବିରିରୁ ଛଣ ଘରେ ନିଆଁ ଲାଗିଥିବା କୁହାଯାଉଛି। ଘରର ଲୁଗା ପଟା, ଆସବାପତ୍ର ପୋଡ଼ି ଯାଇଛି। ୬ଟି ଛେଳି, କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଘରେ ଥିବା ୪୫ ହଜାର ଟଙ୍କା ପୋଡ଼ି ନଷ୍ଟ ହୋଇଛି। ଖବର ପାଇ ଦମକଳ ପହଞ୍ଚିବା ପୂର୍ବରୁ ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସୁରେନ୍ଦ୍ର ଜଣେ ଦିନ ମଜୁରିଆ ପର ଘରେ କାମ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଘର ପୋଡ଼ି ଯାଇଥିବାରୁ ସୁରେନ୍ଦ୍ରଙ୍କ ପରିବାର ଭାଙ୍ଗି ପଡ଼ିଛନ୍ତି। ସୁରେନ୍ଦ୍ରଙ୍କ ପରିବାରକୁ ସରକାରଙ୍କୁ ସହାୟତା ଯୋଗାଇ ଦେବାକୁ ଲୋକେ ଦାବି କରିଛନ୍ତି।

### ଛାତ୍ର ନିଖୋଜ ଘଟଣାର ତଦନ୍ତ

**କେନ୍ଦୁଝର, ୧୮।୯(ସ୍ୱ.ପ୍ର.):** ପାଟଣା ବ୍ଲକ ଖିରେଇଟାଙ୍ଗିରୀ ପ୍ରାଥମିକ ବିଦ୍ୟାଳୟର ସ୍ୱଳ୍ପବ୍ୟୟୀ ଛାତ୍ରାବାସରେ ରହି ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ଜଣେ ଛାତ୍ର ଗତ ୧୨ରେ ବିଦ୍ୟାଳୟ ପଛପଟ ଗେଟ୍ ଦେଇ କୁଆଡେ ଚାଲିଯାଇଥିବା ଥାନାରେ ରିପୋର୍ଟ ହୋଇଛି। ଘଟଣାର ୬ଦିନ ପରେ ବି ନିଖୋଜ ଛାତ୍ରଙ୍କ କୌଣସି ଖବର ମିଳିପାରିନାହିଁ। ମଙ୍ଗଳବାର ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ଏବଂ ପାଟଣା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରବୀର କୁମାର ଦେଓ ବିଦ୍ୟାଳୟକୁ ଯାଇ ତଦନ୍ତ କରି ଫେରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପ୍ରତିପାଦିତ ହେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ପ୍ରକାଶ କରିଛନ୍ତି।

### ଅପହରଣ କରି ବଳାତ୍କାର, ଯୁବକ ଗିରଫ

**ପାଟଣା, ୧୮।୯(ସ୍ୱ.ପ୍ର.):** ପାଟଣା ବ୍ଲକ କେନ୍ଦେଇ ପସି ପଞ୍ଚାୟତ ଅଞ୍ଚଳର ଜଣେ କଲେଜ ପଢୁଆ ଯୁବତୀଙ୍କୁ ବୁଧବାରଠାରୁ ଅପହରଣ କରି ବଳାତ୍କାର ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ କେନ୍ଦୁଝର ସଦର ଥାନା ମୈଦାନକେଲ ପଞ୍ଚାୟତ ବାସୁଦେବପୁର ଗ୍ରାମର ମକୁନ୍ଦ ମହାନ୍ତଙ୍କ ପୁଅ ରୋଶନ କୁମାର ମହାନ୍ତ। ଯୁବତୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ତୁରୁମୁଙ୍ଗା ଥାନା ଏସ ଆଇ ସୁଶିଳା ବର୍ଲା ଏକ ମାମଲା (ନଂ.୯୨/୧୮) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ରୋଗୀଙ୍କୁ ଫଳ ବଣ୍ଟନ



**ରାଇସୁଆଁ, ୧୮।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ପଦ୍ମପୁରଠାରେ ରବିବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସତସଙ୍ଗ ଏବଂ ପ୍ରାର୍ଥନା କାର୍ଯ୍ୟକ୍ରମ ହୋଇଥିଲା। ଅନୁକୂଳ ଚନ୍ଦ୍ରଙ୍କ ଭକ୍ତମାନେ ମୂକବଧିର ଏବଂ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କୁ ଫଳ ଦେଇଥିଲେ। ପରେ ଆନନ୍ଦ ବଜାରରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# ନିଦ ହଜାଇଛି ଗୋଠ ଖଣ୍ଡିଆ ଦନ୍ତା



**ଚମ୍ପୁଆ ଫରେଷ୍ଟ ସେକ୍ସନ**
- ସନ୍ଧ୍ୟା ହେଲେ ଗାଁରେ ପଶୁଛି
- ଘଉଡାଇବାରେ ବନ କର୍ମଚାରୀ ନାକେଦମ୍
- ଧାନ, ମକା, ପନିପରିବା ନଷ୍ଟ

**ଚମ୍ପୁଆ,୧୮।୯(ଡି.ଏନ.ଏ)**

ଚମ୍ପୁଆ ଫରେଷ୍ଟ ସେକ୍ସନ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହୁଛି। ସମ୍ପୃକ୍ତ ଅଞ୍ଚଳ ହାତୀ ପଲଙ୍କ ଆବାସସ୍ଥଳୀ ପାଲଟିଗଲାଣି। ହାତୀ ଘୋଉଡାଇବାରେ ବନ ବିଭାଗ ସ୍କ୍ୱାର୍ଡ ସଫଳ ହେଉଥିଲେ ମଧ ଗୋଠ ଖଣ୍ଡିଆ ହାତୀକୁ ଘୋଉଡାଇବାରେ ବିଫଳ ହେଉଛି। ହାତୀ ଓ ବନ ବିଭାଗର ଲୁଚକାଳି ଖେଳରେ ବିଚରା ଗରୀବ ଚାଷୀର ଚାଷ ବଳି ପଡୁଛି। ସନ୍ଧ୍ୟା ହେଲେ ବନ କର୍ମଚାରୀମାନେ ହାତୀର ସନ୍ଧାନ ପାଉଛନ୍ତି। ସଞ୍ଜ ନଇଁଲା ପରେ ବନ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ହାତୀଟି ଫସଲ ନଷ୍ଟ କରୁଛି। ଅଳ୍ପ ସମୟ ବ୍ୟବଧାନରେ ହାତୀ ଗାଁରେ ପଶୁଛି। ଫଳରେ ହାତୀ ଘଉଡାଇବାରେ ବନ କର୍ମଚାରୀ ନାକେଦମ୍ ହେଲେଣି।

ଦୀର୍ଘଦିନ ଧରି ଲାଗି ରହିଥିବା ହାତୀ ଉପଦ୍ରବକୁ ପ୍ରତିହତ କରିବା ପାଇଁ ବନ କର୍ମଚାରୀମାନେ ଅହରହ ପରିଶ୍ରମ କରୁଛନ୍ତି। ହାତୀ ପଲକୁ ଚମ୍ପୁଆ ସେକ୍ସନରୁ ଘୋଉଡାଇବାରେ ସଫଳ ହେଉଥିଲେ ମଧ ଗୋଠରୁ ବାହାରେ ଥିବା ଏକୁଟିଆ ଦନ୍ତାହାତୀକୁ ଘୋଉଡାଇବାରେ ସଫଳ ହୋଇପାରୁ ନାହାନ୍ତି। ଗୋଟିଏ ରାତିରେ ହାତୀ ୧୫ରୁ ଅଧିକ ଗାଁ ମଧରେ ପଶି ଧାନ ଫସଲ, ମକା ଫସଲ, ପନିପରିବା ନଷ୍ଟ କରିଚାଲିଛି। ହାତୀ ପାଇଁ ଚମ୍ପୁଆ ସେକ୍ସନରେ ଗୋଧୂଳି, ଜଗନ୍ନାଥପୁର, ଅଡଙ୍ଗାପାଳ, ମଙ୍ଗଳପୁର, ଜାମୁଦଲକ, ଜଡିପଦା, ଇନ୍ଦ୍ରପ୍ରସ୍ଥ, ସୁନାପଶି, ସାତହଳିଆ, କୋଦଗାଡ଼ିଆ, ମିରିଗିସିଙ୍ଗା ଆଦି ଅଞ୍ଚଳର ଲୋକଙ୍କ ନିଦ ହଜି ଗଲାଣି। ଫସଲକୁ ଜଗିବା ପାଇଁ ଗାଁ ଲୋକଙ୍କୁ ପାଳି କରିବାକୁ ପଡୁଥିବା ଜଣାପଡିଛି।

■ ଗଣଶିକ୍ଷା ମନ୍ତ୍ରୀଙ୍କ ଗାଡ଼ିକୁ ଢେଲା ମାଡ଼ ଘଟଣା

# ୪ ଗିରଫ, ଚାପା ଉତ୍ତେଜନା

**ଆନନ୍ଦପୁର, ୧୮।୯(ସ୍ୱ.ପ୍ର.)**

ରାଜ୍ୟ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଗାଡ଼ି ଉପରକୁ ରବିବାର ସନ୍ଧ୍ୟାରେ ଢେଲା ମାଡ଼ ଘଟଣାରେ ୪ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସେମାନେ ହେଲେ ବେଲବାହାଳି ଗ୍ରାମ ଟିକର ସାହିର ଉତ୍ସବ ସାହୁ, ବୁଦ୍ଧଦେବ ସାହୁ, ଟୋଲଙ୍କ ପଡ଼ା ଗ୍ରାମର ମୋହନ ପଣ୍ଡା, କାଳନ୍ଦୀ ସାହୁ। ସ୍ଥାନୀୟ ଜନସାଧାରଣ ଏବଂ ଦଳୀୟ କର୍ମୀ ଘସିପୁରା ଥାନା ସମ୍ମୁଖରେ ଧାରଣା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏସଡିପିଓ ମହେଶ୍ୱର ସେଠୀ ଦୁଇ ଦିନ ମଧ୍ୟରେ ଦୋଷୀମାନଙ୍କୁ ଗିରଫ କରାଯିବା ବୋଲି ପ୍ରତିଶ୍ରୁତି ମଧ ଦେଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା।

ଉକ୍ତ ଘଟଣାକୁ ନେଇ ବେଲବାହାଳି ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ସମ୍ପୃକ୍ତ ଦୋଷୀଙ୍କୁ ଘଣ୍ଟ ଘଉଡାଇବାକୁ ଯାଇ ଜଣେ ବିଧାୟକଙ୍କ କେତେକ ସମର୍ଥକ ବେଲବାହାଳୀ ଗ୍ରାମର ନିରୀହ ଜନସାଧାରଣଙ୍କୁ ଉସୁକାଇ ଆନ୍ଦୋଳାନାତ୍ମକ ପନ୍ଥା ଗ୍ରହଣ କରିବା ଘଟଣା ମୁଖ୍ୟ ଆଲୋଚନାର ବିଷୟ ସାଜିଛି। ପୋଲିସର ଚଢାଉରେ ଆଖପାଖ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଉକ୍ତ ଘଟଣାରେ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବା ଯାଏ ବିଜୁ ଜନତା ଦଳର କର୍ମୀମାନେ ପୂନର୍ବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଶିକ୍ଷକ ମିଳିତ ମଞ୍ଚର ପଦଯାତ୍ରା



ଶିକ୍ଷକମାନେ ପଦଯାତ୍ରାରେ ଯାଉଛନ୍ତି।

**ଚମ୍ପୁଆ, ୧୮।୯(ଡି.ଏନ.ଏ.)**

ବ୍ଲକଗ୍ରାଣ୍ଡ ଶିକ୍ଷକଙ୍କ ସମସ୍ୟା ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବା ଓ ଶିକ୍ଷକଙ୍କ ଦାବି ଶୁଣୁ ନ ଥିବାରୁ ମିଳିତ ମଞ୍ଚ ପକ୍ଷରୁ ପଞ୍ଚାୟତ ପଦଯାତ୍ରା ଆରମ୍ଭ ହୋଇଛି। ୩ ଦିନ ଧରି ହେବାକୁ ଥିବା ପଦଯାତ୍ରା ଚମ୍ପୁଆ ଗାନ୍ଧୀ ଛକଠାରୁ ବାହାରିଥିଲା। ୧୨୦ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି। ଚମ୍ପୁଆ ବ୍ଲକର ସରେଇ, କରଞ୍ଜିଆ, ଚନ୍ଦ୍ରଶେଖରପୁର, ଭଣ୍ଡା ଓ ନିଉଣ୍ଡି ଆଦି ପଞ୍ଚାୟତରେ ପଦଯାତ୍ରା କରାଯାଇଛି।

ଯୋଡା, ଚମ୍ପୁଆ ଓ ଝୁମ୍ପୁରା ବ୍ଲକର ଶିକ୍ଷୟିତ୍ରୀଶିକ୍ଷକ ମିଳିତ ଭାବେ ପଦଯାତ୍ରାରେ ସାମିଲ ହୋଇ ପଞ୍ଚାୟତରେ ବୁଦ୍ଧିଜୀବୀ ଓ ଅଭିଭାବକମାନଙ୍କୁ ତାଙ୍କ ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପଦଯାତ୍ରା ବିଲେଇପଦାଠାରୁ ଆରମ୍ଭ କରାଯାଇ ଅଷେଇଁକଳା, ଚମକପୁର ଓ କୋଦଗାଡିଆ ପଞ୍ଚାୟତରେ ଜାରି ରହିବ ବୋଲି ଜଣାଯାଇଛି।

### ବିଦ୍ୟୁତ୍ ଆଘାତରେ ଜୀବନ ଗଲା

**କେନ୍ଦୁଝର, ୧୮।୯(ସ୍ୱ.ପ୍ର.)**

ସଦର ଥାନା ଅଞ୍ଚର ପଥୁରିଆସାହିରେ ସୋମବାର ରାତିରେ କଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ତାଙ୍କ ନାମ ଭୀମ ମୁଣ୍ଡା। ବିଦ୍ୟୁତ୍ ସଜାଡିବା ବେଳେ ଏପରି ଅଘଟଣ ଘଟିଛି। ନୋସ୍କୋ ବିଭାଗ କର୍ମଚାରୀଙ୍କ ଖାମଖିଆଲ ମନଭାବରୁ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ସାହିରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହୋଇଥାଏ। ଏ ନେଇ ଦାୟିତ୍ୱରେ ଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଛି। ସୋମବାର ବିଦ୍ୟୁତ୍ କଟିଯିବା ପରେ ଗ୍ରାମବାସୀ ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କୁ ସୂଚନା ଦେଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ସେ ନ ଆସି ନିଜେ ସଜାଡିବାକୁ ପରାମର୍ଶ ଦେଇ ଚୁପଚାପ ବସିଗଲେ। ଫଳରେ ଫ୍ୟୁଜ ସଜାଡିବାକୁ ଯାଇ ଭୀମଙ୍କୁ ବିଦ୍ୟୁତ୍ ଆଘାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

■ ଖଣି କାର୍ଯ୍ୟ ଆରମ୍ଭ, ମଜୁରି ଦାବି

# ଠିକା ସଂସ୍ଥା କର୍ମଚାରୀଙ୍କ ଧାରଣା

**କେନ୍ଦୁଝର, ୧୮।୯ (ସ୍ୱ.ପ୍ର.)**

ଓଡ଼ିଶା ଖଣି ନିଗମ, ଗନ୍ଧମାର୍ଦ୍ଦନ ଖଣିର ଠିକା ସଂସ୍ଥା ଡେକୋର କାର୍ଯ୍ୟରତ କର୍ମଚାରୀଙ୍କୁ ଦେଢ ମାସ ହେଲା କାମ ବନ୍ଦ କରି ଦିଆଯାଇଥିଲା। ସେପ୍ଟେମ୍ବର ୧୬ରୁ ପୁନଃ କାର୍ଯ୍ୟ ଆରମ୍ଭ ହେବା ପାଇଁ ନୋଟିସ ଦିଆଯାଇଥିଲା। ମାତ୍ର ଅକ୍ଟୋବର ୧କୁ କାର୍ଯ୍ୟାରମ୍ଭ ତାରିଖ ବଦଳାଇବାରୁ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଖଣିରେ କର୍ମଚାରୀମାନଙ୍କୁ ହାଜିରି କରିବା ଏବଂ କାମ କରିବାର ସୁଯୋଗ ନ ମିଳିବାରୁ ବାଧ୍ୟ ହୋଇ ସମସ୍ତ କର୍ମଚାରୀ ଖଣି ନିଗମ କାର୍ଯ୍ୟାଳୟ, ଶୁଆକାଟିଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ।

ଅପରାହ୍ନ ୩ ଘଟିକା ସମୟରେ ଠିକା କମ୍ପାନୀ କର୍ତ୍ତୃପକ୍ଷ ଏବଂ ଶ୍ରମିକ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇ ୨୦ରୁ କାର୍ଯ୍ୟ ଆରମ୍ଭ ହେବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ୟୁନିୟନର ସାଧାରଣ ସମ୍ପାଦକ ମହେଶ୍ୱର ରାଉତ, ସମ୍ପାଦକ ବୃନ୍ଦାବନ ପାତ୍ର, ଶ୍ରୀହରୀ ଘଣା, ଉପସଭାପତି ଖଗେଶ୍ୱର ମହାନ୍ତ, ବିରଞ୍ଚି ଦେହୁରି, ମାର୍କଣ୍ଡ ଦେହୁରି ନେତୃତ୍ୱ ନେଇଥିଲେ।




ଧାରଣାରେ ସାମିଲ ହୋଇଥିବା ଠିକା କର୍ମଚାରୀ।

# ହକ୍ ପାଇଁ ବିକାଶ ମଞ୍ଚର ଧାରଣା

**ହାଟଡିହୀ, ୧୮।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିକାଶ ମଞ୍ଚ ପକ୍ଷରୁ ଅଞ୍ଚଳର ଉନ୍ନୟନ ପାଇଁ ବିଭିନ୍ନ ଦାବିରେ ଧାରଣା ଦିଆଯାଇଛି। ହାଟଡିହୀରେ ଜେଏମଏଫସି କୋର୍ଟ ଖୋଲିବାରେ ବିଳମ୍ବ, ହାଟଡିହୀ ଡାକ୍ତରଖାନାର ଡାକ୍ତର ନିଯୁକ୍ତି, ଭଦ୍ରକ-ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥର ହାଟଡିହୀ ମେଡିକାଲ ଛକର ରାସ୍ତା ନିର୍ମାଣ, ହାଟଡିହୀକୁ ବିଦ୍ୟୁତ୍ କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ଧାରଣା ଆରମ୍ଭ ହୋଇଛି। ବିକାଶ ମଞ୍ଚର ସଭାପତି ନିତ୍ୟାନନ୍ଦ ପହିଙ୍କ ସଂଯୋଜନାରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣ, ସମାଜସେବୀ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସଭାପତି ପହି ସୂଚନା ଦେଇଛନ୍ତି।

ସମାଜସେବୀ ସୁରନ୍ଦ୍ରେ ନାଥ ବାରିକ, କାମପାଳ ନାୟକ, ସନାତନ ଜେନା, ଜଗନ୍ନାଥ ନାୟକ, କଳ୍ପତରୁ ସେଠୀ, ବରିଷ୍ଠ ଶିକ୍ଷାବିତ୍ ଘନଶ୍ୟାମ ପହି, ଇନ୍ଦ୍ରମଣି ଜେନା, ହାଟଡିହୀ ସରପଞ୍ଚ ଅନୁସୟା ସେଠୀ, ପୂର୍ବତନ ସରପଞ୍ଚ ନୃସିଂହ ଚରଣ ସେଠୀ, ସନାତନ ବେହେରା, ବିଜେଡି ବରିଷ୍ଠ ନେତା ବିଶ୍ୱନାଥ ନାୟକ, ଅବସରପ୍ରାପ୍ତ କର୍ମଚାରୀ ବିପିନ କୁମାର ବରାଳ ପ୍ରମୁଖ ଧାରଣାରେ ଉପସ୍ଥିତ ରହି ଦାବି ଗୁଡିକର ତୁରନ୍ତ ସମାଧାନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ।

# ତେଲକୋଇରେ ମିଳିତ ଜନଅଭିଯୋଗ ଶୁଣାଣି

**ତେଲକୋଇ, ୧୮।୯(ଡି.ଏନ.ଏ.)**

ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେଙ୍କ ସହ ଜିଲା ଆରକ୍ଷୀ ଅଧିକ୍ଷକ ଜୟ ନାରାୟଣ ପଙ୍କଜ, ପିଡି ନୃସିଂହ ଚରଣ ସ୍ୱାଇଁ, ଏଡିଏମ ସୁଧାଂଶୁ ଶେଖର ବଳ, ବ୍ଲକ ଅଧ୍ୟକ୍ଷ ମମତା ଦେହୁରି, ବିଡିଓ ଦିଲ୍ଲିପ କୁମାର ବାରା ଜନଶୁଣାଣିରେ ଯୋଗ ଦେଇଥିଲେ। ବିଶ୍ୱକର୍ମା ପୂଜା ହେଉଥିବାରୁ ଜନଶୁଣାଣିରେ କମ ହିତାଧିକାରୀଙ୍କ ଦେଖା ମିଳିଥିଲା।

ଅଳ୍ପ ସଂଖ୍ୟକ ହିତାଧିକାରୀଙ୍କ ମଧ୍ୟରେ ଭତ୍ତା, ଗୃହ ରାଶନ କାର୍ଡ, ଜମିପଟ୍ଟା, ଘର ଭୁଶୁଡିବା ଯୋଗୁଁ ସମାନ୍ୟ ପଲିଥିନ ନ ମିଳିବା, ଚାଷୀଙ୍କ ଧାନ କ୍ଷେତର ସମସ୍ୟା, ବ୍ଲକ ଅଧିକାରୀଙ୍କ ଅଣଦେଖାକୁ ନେଇ ଅଭିଯୋଗ ହୋଇଥିଲା।

# ଦେବଶିଳ୍ପୀଙ୍କ ପୂଜା, ସବୁଠି ଉତ୍ସବମୁଖର

**ବଡ଼ବିଲ/ ଝୁମ୍ପୁରା/ ତେଲକୋଇ ୧୮।୯(ସ୍ୱ.ପ୍ର./ଡି.ଏନ.ଏ.)**



ବଡବିଲ ପିଏଚଡିରେ ପୂଜା ପାଉଥିବା ବିଶ୍ୱକର୍ମା।



ଝୁମ୍ପୁରାରେ ବିଶ୍ୱକର୍ମା ପୂଜା।

ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ସବୁଠି ପୂଜାର୍ଚ୍ଚନା କରାଯାଇଛି। କେନ୍ଦୁଝର ଜିଲା ବଡବିଲ ଶିଳ୍ପାଞ୍ଚଳ ଉତ୍ସବମୁଖରିତ ହୋଇଛି। ବଡବିଲ ପିଡବ୍ଲୁଡି, ଇଲେକ୍ଟ୍ରିକ ଅଫିସ, ପିଏଚଡି, ଟେମ୍ପୋ ଷ୍ଟାଣ୍ଡ ଓ ଟ୍ୟାକ୍ସି ଷ୍ଟାଣ୍ଡ ସହ ବିଭିନ୍ନ ଶିଳ୍ପାନୁଷ୍ଠାନ, ଗ୍ୟାରେଜ ଏବଂ କିରିବୁରୁଛକ ଆଦି ଅଞ୍ଚଳରେ ୨ ଶହରୁ ଊର୍ଦ୍ଧ୍ୱ ଦେବଶିଳ୍ପୀ ପୂଜା ପାଇଛନ୍ତି। ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା ପାଇଁ ବିଶାଳ ତୋରଣ ସାଙ୍ଗକୁ ଆକର୍ଷଣୀୟ ପ୍ରତିମା ଭକ୍ତମାନଙ୍କୁ ଆକୃଷ୍ଟ କରିଛି। ମୁଖ୍ୟତଃ ବଡବିଲ ଟ୍ୟାକ୍ସିଷ୍ଟାଣ୍ଡ ପୂଜା କମିଟି ଭାଇଚାରାର ଉଦାହରଣ ସୃଷ୍ଟି କରିଛି। ଉଭୟ ହିନ୍ଦୁ ଓ ମୁସଲମାନ ଟ୍ୟାକ୍ସିଷ୍ଟାଣ୍ଡ ପୂଜା କମିଟିରେ ରହି ସଫଳ ରୂପାୟନ ଦେଇଥିବା କହିଛନ୍ତି କମିଟି ସମ୍ପାଦକ ଦୟାନିଧି ନାଏକ। ଟ୍ୟାକ୍ସିଷ୍ଟାଣ୍ଡ ପୂଜା କମିଟିର ସଭାପତି ଭାବେ ଏମଡି ୟୁନୁସ ଦାୟିତ୍ୱ ତୁଲାଉଥିଲା ବେଳେ ଏମଡି କାଲୋ, ଏମଡି ମୁନ୍ନା, ଏମଡି ୱସିର, ରୂପଲାଲ ଭଞ୍ଜ ଓ ବିକ୍ରମ ମହାନ୍ତ ପ୍ରମୁଖ ସହାୟତା କରିଥିଲେ।

ଝୁମ୍ପୁରା ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହେଉଛି। ବିଶ୍ୱକର୍ମା ମେଢ ପୂଜା ନିକଟରେ ଗାଡି ପୂଜା ମଧ କରାଯାଉଛି। ବିଶ୍ୱକର୍ମା ପୂଜା ଅବସରରେ କେତେକ ଜାଗାରେ ଅପେରା, ପାଲା ଭଳି କାର୍ଯ୍ୟକ୍ରମ କରାଯାଉଛି। ସେହିପରି ତେଲକୋଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା, ଦାଶକାଠିଆ, ଭଜନ, ନୃତ୍ୟ, ମେଲୋଡି ଆଦି କାର୍ଯ୍ୟକ୍ରମ କରାଯାଉଛି। ଆଇଟିଆଇ କଲେଜ, କ୍ଷୁଦ୍ରଜଳ ସେଚନ ବିଭାଗ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗ, ବ୍ଲକ ବିଦ୍ୟୁତ ବିଭାଗ, ଡ୍ରାଇଭର ସଂଘ, ଟେମ୍ପୋ ସଂଘରେ ପୂଜା ହେଉଛି।

### ଓଡ଼ିଆ ବିଭାଗର ସ୍ୱାଗତ ଉତ୍ସବ

**ଆନନ୍ଦପୁର, ୧୮।୯(ସ୍ୱ.ପ୍ର.)**

ଘଷିପୁରା ବ୍ଲକ ସାଇଁକୁଳଠାରେ ଥିବା ପତିତପାବନ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ଓଡ଼ିଆ ବିଭାଗର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ଗଜେନ୍ଦ୍ର କୁମାର ସେନାପତି ସ୍ୱାଗତ ଅଭିଭାଷଣ ରଖିଥିଲେ। ରାଜନୀତି ବିଜ୍ଞାନର ବଡକୃଷ୍ଣ ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ମତ ରଖିଥିଲେ।

ଅଧ୍ୟାପିକା ଚିନ୍ମୟୀ ନାୟକ, ଅଧ୍ୟାପକ ରାଜେନ୍ଦ୍ର ରାଉତ, ନରେନ୍ଦ୍ର ସାହୁ, ପ୍ରଦୀପ ମଲ୍ଲିକ ଏବଂ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ପ୍ରବୀଣ କବି ଉତ୍ସବରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ର ନିଜର ପରିଚୟ ପ୍ରଦାନ କରିବା ସହ ମହାବିଦ୍ୟାଳୟରେ ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ସମସ୍ତ ଅଧ୍ୟାପିକାଅଧ୍ୟାପକ, ଯୁକ୍ତ ୩ ଶେଷବର୍ଷର ଛାତ୍ରୀଛାତ୍ର ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

# ଜିଲାସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ପାଟଣା, ୧୮।୯(ସ.ପ୍ର.)**

କେନ୍ଦୁଝର ଜିଲାର ୧୩ଟି ବ୍ଲକରେ ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁମନ୍ଦିରର କେନ୍ଦୁଝର ବିଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତୁରୁମଙ୍ଗାଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବିଭିନ୍ନ ବର୍ଗର ୪୬ ଜ୍ଞାନବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ଗଣିତ ପ୍ରୟୋଗ ବିଜ୍ଞାନରେ ୯୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ଜିଲାସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଆଗାମୀ ନଭେମ୍ବର ୨ରେ ଭବାନୀପାଟଣାଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ପ୍ରତିନିଧିତ୍ୱ କରିବେ। ଜ୍ଞାନ ମେଳାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ରାକ୍ଷା କର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଡ, କୁଳମଣି ପ୍ରଧାନ, ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତି ଓଡ଼ିଶାର ପ୍ରଚାର ପ୍ରସାର ସଂଯୋଜକ ଦେବେନ୍ଦ୍ର କୁମାର ପଟନାୟକ, ସମ୍ମାନିତ ଅତିଥି ଉତ୍ତର ସମ୍ବାଗର ସୁମନ୍ତ କୁମାର ବେହେରା, କେନ୍ଦୁଝର ବିଭାଗ ନିରୀକ୍ଷକ ଶ୍ରୀନିବାଶ ପ୍ରଧାନ, ସ୍ଥାନୀୟ ଶିଶୁମନ୍ଦିର ସମ୍ପାଦକ ସୁଧାଂଶୁ ଶେଖର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବାବାଜୀ ପଣ୍ଡା ଅତିଥି ପରିଚୟ ଦେଇଥିଲେ।



ଜ୍ଞାନବିଜ୍ଞାନ ପ୍ରକଳ୍ପକୁ ଛାତ୍ରୀଛାତ୍ର ପ୍ରଦର୍ଶିତ କରୁଛନ୍ତି।

# ରିମୁଳି ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ କର୍ମଶାଳା

**ଚମ୍ପୁଆ, ୧୮।୯(ଡି.ଏନ.ଏ)**

ଚମ୍ପୁଆ ବ୍ଲକ ରିମୁଳି ମହାବିଦ୍ୟାଳୟଠାରେ ସୂଚନା ପ୍ରସାରଣ ମନ୍ତ୍ରାଳୟ ଭାରତ ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ସଂକ୍ରାନ୍ତୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ର ଜନ ସମ୍ପର୍କ କାର୍ଯ୍ୟାଳୟ କେନ୍ଦୁଝର ଦ୍ୱାରା ଆୟୋଜିତ ଉକ୍ତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବ୍ଲକ ଚେୟାରମ୍ୟାନ ରମଣୀ ନାଏକ, ସମ୍ମାନିତ ଅତିଥି ମହାବିଦ୍ୟାଳୟ ଅଧ୍ୟକ୍ଷ ମୁକୁନ୍ଦ ଚରଣ ପ୍ରଧାନ, ଏନ୍‌ଏସ୍‌ଏସ ସଂଯୋଜକ ସରୂପାନନ୍ଦ ପଣ୍ଡା, ପ୍ରଧାପକ ମୋହନ ମିଶ୍ର, ଆଇଇସି ଅଜୀତା ଦାସ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଭାରତ କର୍ମଶାଳାର ଅଭିମୁଖ୍ୟ, ଆବଶ୍ୟକତା ଓ ତାର ଉପାଦେୟତା ଉପରେ ମତ ଦେଇଥିଲେ।

କ୍ଷେତ୍ର ପ୍ରଚାରକ ଅଧିକାରୀ ଜୀବନ କୁମାର ସାମନ୍ତ ସିଂହାରଙ୍କ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାର ୬ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପସ୍ଥିତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନଙ୍କୁ ସ୍ୱଚ୍ଛ ଭାରତ ସମ୍ବନ୍ଧୀୟ ୧୦ ଗୋଟି ସାଧାରଣ ଜ୍ଞାନ ପ୍ରଶ୍ନ ଉତ୍ତର ପରେ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଚକତଳେ ଗଲା ମହିଳାଙ୍କ ଜୀବନ

**ପାଟଣା/ କେନ୍ଦୁଝର, ୧୮।୯ (ସ୍ୱ.ପ୍ର.)**



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

**ତୁରୁମୁଙ୍ଗା ଥାନା**
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ୩ ଘଣ୍ଟା ଅଟକି ରହିଲା ଯାନବାହନ

ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଚେମଣା ନର୍ସରୀ ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ୪୯ ନମ୍ବର ଜାତୀୟ ରାଜପଥ ପାର ହେଉଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କରଞ୍ଜିଆ ଥାନା କରଡ଼ିଆ ଗ୍ରାମର ଝୁନୁ ମହାରଣା। ମହିଳାଙ୍କ ମୁଣ୍ଡରେ ଗାଡି ଚକା ଚଢି ଯାଇଥିଲା। ଏ ନେଇ ଉତ୍ତ୍ୟକ୍ତ ଲୋକ ରାସ୍ତା ଅବରୋଧ କରିଥିଲେ।

ମୟୂରଭଞ୍ଜ ଜିଲା କରଡିହା ଗାଁର ଝୁନୁ ମହାରାଣା କେନ୍ଦୁଝର ତୁରୁମୁଙ୍ଗା ଥାନା ଅଞ୍ଚଳର ଚେମେଣା ଗାଁରେ ଥିବା ତାଙ୍କ ନିଜ ମାଉସୀ ଘର ଅଭିମୁଖେ ଏକ ବସ୍‌ରେ ଆସିଥିଲେ। କେନ୍ଦୁଝର ଜିଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ଛକ ନିକଟରେ ଦିନ ୨ଟାରେ ଝୁନୁ ବସ୍‌ରୁ ଓହ୍ଲାଇ ରାସ୍ତା ପାର ହେଉଥିଲେ। ସେହି ସମୟରେ ଏକ ଆଜଣା ଗାଡି ତାଙ୍କୁ ଧକ୍କା ଦେଇ ମୁଣ୍ଡ ଉପରେ ଚଢିଯାଇଥିଲା। ଜାତୀୟ ରାଜପଥକୁ ଅବରୋଧ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟରେ ଧରି ଉଭୟ ପାର୍ଶ୍ୱରେ ଟ୍ରକ୍, ବସ୍ ଆଦି ଠିଆ ହୋଇ ରହିଥିଲା। ତୁରୁମୁଙ୍ଗା ପୋଲିସ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲା। କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଥିଲେ ବୋଲି ଥାନା ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର କହିଛନ୍ତି। ପାଟଣା ବିଡିଓ କୃଶଳ ଚନ୍ଦ୍ର ନାଏକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ରେଡ଼କ୍ରସ୍‌ରୁ ୧୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା କ୍ଷତିପୂରଣ ମିଳିବା ପରେ ରାସ୍ତାରୋକୋ ହଟିଥିଲା।



ରାସ୍ତାରୋକୋରେ ନିଆଁ ଲଗାଯାଇଥିବା ଟାୟାର୍‌କୁ ପୋଲିସମାନେ ଲିଭାଉଛନ୍ତି।

# ମୃତଦେହ ରଖି ରାସ୍ତାରୋକୋ

**ବାଲେଶ୍ୱର ଅଫିସ, ୧୮।୯**

ବାଲେଶ୍ୱର ସହଦେବଖୁଣ୍ଟା ପୋଲିସ ବିଟ୍ ହାଉସ ସମ୍ମୁଖ ଓଟି ରୋଡ୍‌ରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ବେଳେ ମାଲଗୋଦାମର ଏକ ଟ୍ରକ୍ (ନଂ. ଓଆର୍‌୦୧ବି-୧୩୯୧) ଜଣେ ସାଇକେଲ ଆରୋହୀଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରେମୁଣା ଥାନା ଅଧୀନ ପଣ୍ଡାସାହି ଗ୍ରାମର ଭଗବାନ ମାହାନ୍ତ। ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତାରେ ମାଲଗୋଦାମ ଟ୍ରକ୍‌ଗୁଡ଼ିକ ଯାଆସ କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ଲୋକେ ମୃତଦେହ ରଖି ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକୋ କରିଥିଲେ। ସେମାନେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କ୍ରାଇମ୍ ଡିଏସ୍‌ପି ସୁଦର୍ଶନ ଦାସ, ଶିଳ୍ପାଞ୍ଚଳ ଥାନାଧିକାରୀ ପରେଶ କୁମାର ରାଉତ, ଅତିରିକ୍ତ ତହସିଲଦାର ଅନୁଜା ତାରିଣୀ ମିଶ୍ର ମାଜିଷ୍ଟ୍ରେଟ୍ ଭାବେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହକୁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୨୬୫/୧୮) ରୁଜୁ କରାଯାଇଛି। ଟ୍ରକ୍ ଜବତ କରାଯାଇଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

# ପଦ୍ମତୋଳା ହ୍ରଦରେ ଫଶି ରହିଲା ହାତୀ

**ସଜନାଗଡ଼,୧୮।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତରେ ଥିବା ୪୦ ଏକରରୁ ଊର୍ଦ୍ଧ୍ୱ ବିଶିଷ୍ଟ ପଦ୍ମତୋଳା ହ୍ରଦରେ ଏକ ହାତୀ ୧୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଫଶି ରହିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ କହିବାନୁସାରେ ସୋମବାର ବିଳମ୍ବିତ ରାତିରେ ହାତୀଟି କୁଲଡ଼ିହା ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହୋଇ ତିନିକୋଶିଆ ଗୋପାଳପୁର ଜଙ୍ଗଲ ଦେଇ ଆସିଥିଲା। ହାତୀଟି ପଦ୍ମତୋଳା ହ୍ରଦ ଭିତରେ ଖାଦ୍ୟ ଖାଉଥିବା ବେଳେ ପଙ୍କରେ ଫଶି ଯାଇଥିଲା। ମଙ୍ଗଳବାର ସକାଳେ ଗ୍ରାମବାସୀ ହାତୀର ଗର୍ଜନ ଶୁଣି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଜଙ୍ଗଲ ବିଭାଗ ପହଞ୍ଚି ହାତୀକୁ ପଙ୍କରୁ ବାହାର କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲା। ହାତୀଟି ହ୍ରଦର ବହୁ ଭିତରେ ପଶିଯାଇଥିବାରୁ ବାଣ ଫୁଟାଇବା ଏକମାତ୍ର ବିକଳ୍ପ ଥିଲା। ଏହାପରେ ହାତୀଟି ବାହାରକୁ ଆସୁଥିଲେ ମଧ୍ୟ ଜନଗହଳିକୁ ଦେଖି ପୁଣି ପଙ୍କ ଭିତରକୁ ପଳାଇ ଯାଇଥିଲା। ଜଙ୍ଗଲବିଭାଗ ପୋଲିସ୍‌କୁ ଡ଼ାକିଥିବା ବେଳେ ପୋଲିସ ସେଠାରେ ପହଞ୍ଚି ଲୋକମାନଙ୍କୁ ଆୟତ୍ତ କରିଥିଲା। ସନ୍ଧ୍ୟା ହୋଇଯିବାରୁ ହାତୀକୁ ଜଙ୍ଗଲ ବିଭାଗର ରେଞ୍ଜର ସୁକୁମାର ଦାସଙ୍କ ନେତୃତ୍ୱରେ ବହୁ ଜଙ୍ଗଲ ବିଭାଗର କର୍ମଚାରୀ ଜଗି ରହିଛନ୍ତି। ରାତି ହେଲେ ହାତୀଟି ଆପଣାଛାଏଁ ପଳାଇ ଯିବ ବୋଲି ଅନୁମାନ କରାଯାଉଛି।

# ନିଆଁରେ ପୋଡ଼ି ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ସିମୁଳିଆ,୧୮।୯(ଡି.ଏନ.ଏ.)**

ମଙ୍ଗଳବାର ମଧ୍ୟାହ୍ନରେ ସିମୁଳିଆ ଥାନା ମଇତାପୁର ପଞ୍ଚାୟତ ଅଧୀନ କମାରପାଟଣା ଅଞ୍ଚଳର ଊର୍ମିଳା ଶିଅଳ (୧୯) ନାମ୍ନୀ ମହିଳା ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ସନ୍ଧ୍ୟାରେ ପୋଲିସ ଊର୍ମିଳାଙ୍କ ସ୍ୱାମୀଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି। ଊର୍ମିଳା ଚୁଲିରେ ରୋଷେଇ କରୁଥିବା ବେଳେ ତାଙ୍କ ପିନ୍ଧା ଶାଢ଼ୀରେ ନିଆଁ ଲାଗିଯାଇଥିବା ପରିବାର ଲୋକେ କହୁଛନ୍ତି। ପାରିବାରିକ କଳହକୁ ନେଇ ଊର୍ମିଳା ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ଆଲୋଚନା ହେଉଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଘଟଣାର ତଦନ୍ତ କରୁଛି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ